


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 1 JANUARY 2024
Vol.No. 34 ■ No. 1 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



# ଆକ୍ସନ ମୁଡ୍‌ରେ ସରକାର: ତେହରିକ୍-ଏ-ହୁରିୟତ ବ୍ୟାନ୍

ନୂଆଦିଲ୍ଲୀ, ୩୧/୧୨ : ଆକ୍ସନ ମୁଡ୍‌ରେ ଭାରତ ସରକାର। ଜମ୍ମୁକଶ୍ମୀରରୁ ଆତଙ୍କବାଦୀ ମୁକ୍ତ କରାଇବା ପାଇଁ କେନ୍ଦ୍ର ସରକାର ଲଗାତର ବଡ଼ ଆକ୍ସନ ନେଉଛନ୍ତି। ମୁସ୍‌ଲିଗ୍ ଜମ୍ମୁ-କଶ୍ମୀର (ମସରତ ଆଲମ ଗ୍ରୁପ) ପରେ ଏବେ ସରକାର ତେହରିକ-ଏ-ହୁରିୟତ ଉପରେ ଲଗାଇଛନ୍ତି ବ୍ୟାନ୍। ଭାରତ ସରକାର ଏହାକୁ ବେଆଇନ ସଙ୍ଗଠନ ଭାବେ ଘୋଷଣା କରିଛନ୍ତି। ଚାରି ଦିନ ମଧ୍ୟରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଥିବା କଶ୍ମୀରରେ ସକ୍ରିୟ ଥିବା ଅନ୍ୟ ଏକ ବଡ ସଂଗଠନ ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏନେଇ ସୋଶାଲ ମିଡିଆ 'ଢ'ରେ ସୂଚନା ଦେଇଛନ୍ତି ଗୃହ ମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି, ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁ ଏହି ସଙ୍ଗଠନ ଉପରେ ଟଇଟଇ ଆକ୍ଟ ଅଧିନରେ ବ୍ୟାନ୍ ଲଗାଯାଇଛି। ତେହରିକ-ଏ-ହୁରିୟତକୁ



ବେଆଇନ୍ ସଙ୍ଗଠନ ବୋଲି ଘୋଷଣା କରାଯାଇଛି। ଜମ୍ମୁ-କଶ୍ମୀରକୁ ଭାରତରୁ ଅଲଗା କରିବା ଏବଂ ଇସ୍‌ଲାମିକ ନିୟମ ପ୍ରତିଷ୍ଠା ନିଷେଧ କାର୍ଯ୍ୟରେ ଏହି ସଂଗଠନ ଜଡ଼ିତ ଅଛି। ଏହି ଗୋଷ୍ଠୀ ଭାରତ ବିରୋଧୀ ପ୍ରଚାର ପ୍ରସାର କରୁଛି। ଜମ୍ମୁ-କଶ୍ମୀରରେ ବିଚ୍ଛିନ୍ନତାକୁ ପ୍ରୋତ୍ସାହିତ କରିବା ପାଇଁ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛି। ଆତଙ୍କବାଦ ବିରୋଧରେ

▶▶ପୃଷ୍ଠା ୭


ନବବର୍ଷ- ୨୦୨୪ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି। ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା। ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି।

(ରଘୁବର ଦାସ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR: 15001/13/0234/2324


# ପୂର୍ବତନ ବିଜେଡି ନେତାଙ୍କୁ ଛୁରାମାଡ଼

ବାଲେଶ୍ୱର, ୩୧/୧୨ (ନି.ପ୍ର): ପୂର୍ବତନ ବିଜେଡି ନେତାଙ୍କୁ ଛୁରାମାଡ଼। ବାଲେଶ୍ୱର ସହଦେବ ଖୁଣ୍ଟାର ପୂର୍ବତନ ବିଜେଡି ନେତା ତନ୍ମୟ ମହାନ୍ତି ଆଜି ମରଣାତ୍ମକ ଆକ୍ରମଣର ଶିକାର ହୋଇଛନ୍ତି। ହେଲେ ଏହା ପଛରେ ରେମୁଣା ବିଧାୟକ ଓ ଜଣେ ଠିକାଦାରଙ୍କ ହାତ ଥିବା ପରି ସାଂଘାତିକ ଅଭିଯୋଗ କରିଛନ୍ତି ତନ୍ମୟ ମହାନ୍ତି । ଆଜି ସକାଳୁ ତନ୍ମୟ ଘରୁ ବାହାରି ରାସ୍ତାରେ ଯାଉଥିବା ବେଳେ ତାଙ୍କୁ ପଛ ପଟୁ ପଥର ମାଡ଼ କରିଥିଲେ ଦୁଇ ଜଣ ବ୍ୟକ୍ତି। ପରେ ତାଙ୍କୁ ଛୁରା ମାଡ଼ କରି ସେମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ



ତୁରନ୍ତ ତନ୍ମୟ ମହାନ୍ତିଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏହି ଘଟଣାକୁ ନେଇ ତନ୍ମୟ ସିଧାସଳଖ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କୁ ଦାୟୀ କରିଛନ୍ତି। ରେମୁଣା ବିଧାୟକ ଓ ଜଣେ ଠିକାଦାର ପ୍ରଭାତ ବିଶ୍ୱାଳ ଏହି କାଣ୍ଡ ଭିଆଇଥିବା ସେ ଅଭିଯୋଗ କରିଛନ୍ତି। ତନ୍ମୟଙ୍କ କହିବାନୁଯାୟୀ, ମୁଁ ପ୍ରଥମରୁ ରେମୁଣା ବିଧାୟକ ସୁଧାଂଶୁ ପରିଡ଼ାଙ୍କ ବିରୋଧରେ କୋଟି କୋଟି ଟଙ୍କାର କୃଷି ଦୁର୍ନୀତିର ଅଭିଯୋଗ କରିଥିଲି।

▶▶ପୃଷ୍ଠା ୭

# ହାଇଟେକ୍ ହସ୍ପିଟାଲ୍‌ରେ ବିସ୍ଫୋରଣ ଘଟଣା: ଜଣେ ଆହତ ଆଖି ବୁଜିଲେ

ଭୁବନେଶ୍ୱର, ୩୧ /୧୨ (ନି.ପ୍ର): ଭୁବନେଶ୍ୱର ପାଣ୍ଡରାସ୍ଥିତ ହାଇଟେକ୍ ହସ୍ପିଟାଲରେ ଘଟିଥିବା ହୋଇଥିବା ବିସ୍ଫୋରଣ ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି । ଏନେଇ ଏସିପି ଗୌତମ କିଶାନ ସୂଚନା ଦେଇଛନ୍ତି । ଗତ ୨ ଦିନ ତଳେ ହସ୍ପିଟାଲର ତୃତୀୟ ମହଲାରେ ଏକ ଏସିରେ ଗ୍ୟାସ୍ ଫିଲିଂ ବେଳେ ବିସ୍ଫୋରଣ ହୋଇଥିଲା । ନିଆଁକୁ ସଙ୍ଗେ ସଙ୍ଗେ ଆୟତ୍ତ କରାଯାଇଥିବା ସତ୍ତ୍ୱେ ଏଥିରେ ୪ଜଣ ଗୁରୁତର ଆହତ ହୋଇଥିଲେ।

▶▶ପୃଷ୍ଠା ୭

# ମଣିପୁରରେ ପୁଣି ହିଂସା: ସୁରକ୍ଷାକର୍ମୀଙ୍କୁ ଗୁଳିମାଡ଼

ନୂଆଦିଲ୍ଲୀ, ୩୧/୧୨ : ମଣିପୁରରେ ପୁଣି ହିଂସା। ମଣିପୁରର ସୀମାବର୍ତ୍ତୀ ସହର ମୋରେହରେ ସନ୍ଦିଗ୍ଧ ବନ୍ଧୁକଧାରୀ ଓ ପୁଲିସ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ଜଣେ ପୁଲିସ କମାଣ୍ଡୋ ଆହତ ହୋଇଥିବା ସୂଚନା ମିଳିଛି। ପିଟିଆଇ ରିପୋର୍ଟ ମୁତାବକ, ଶନିବାର ଅପରାହ୍ଣରେ ଅଜ୍ଞାତ ବନ୍ଧୁକଧାରୀମାନେ ମୋରେହରୁ କି ଲୋକେସନ ପଏଣ୍ଟ (କେଏଲପି) ଆଡ଼କୁ ଯାଉଥିବା ପୁଲିସ ଗାଡିକୁ ଟାର୍ଗେଟ କରିଥିଲେ। ଏହି ଆକ୍ରମଣରେ ଜଣେ କମାଣ୍ଡୋ ଆହତ ହୋଇଛନ୍ତି। ତାଙ୍କୁ ବର୍ତ୍ତମାନ ଆସାମ ରାଇଫଲ୍ସ କ୍ୟାମ୍ପରେ ଚିକିତ୍ସିତ ହେଉଛନ୍ତି। ମଣିପୁରୁ ପୁଲିସ କମାଣ୍ଡୋମାନେ ଏହି ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରୁଥିବାବେଳେ ଏହି ଘଟଣା ଘଟିଥିଲା। ସେପଟେ ଏହି ତାଜା ହିଂସା ଘଟଣାରେ ଦୁଇଟି ଘରେ ନିଆଁ ମଧ୍ୟ ଲଗାଇ ଦିଆଯାଇଛି। ତେବେ ଅଗ୍ନିକାଣ୍ଡର କ'ଣ କ୍ଷୟକ୍ଷତି ହୋଇଛି ସେ ନେଇ କିଛି ସୂଚନା ମିଳିଛି। ସେହିପରି ଇମ୍ଫାଲ ଠାରୁ ୪୫ କିଲୋମିଟର ଦୂର ମଣିପୁରର ପାହାଡିଆ ଜିଲ୍ଲା କାଙ୍ଗପୋକପି ଗାଁରେ ସୁରକ୍ଷାକର୍ମୀ ଭାବେ ନିୟୋଜିତ ଜଣେ ବ୍ୟକ୍ତିଙ୍କୁ ଅଜ୍ଞାତ ବନ୍ଧୁକଧାରୀମାନେ ଗୁଳିକରି ହତ୍ୟା କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ସୂଚନା ମୁତାବକ, ପ୍ରଥମେ ଦୁଇଟି ବୋମା ବିସ୍ଫୋରଣ ହୋଇଥିଲା। ଏହା ପରେ ୩୫୦ ରୁ ୪୦୦ ଗୁଳମାଡ କରାଯାଇଥିଲା। ଏବେ ବି ଗୁଳି ବିନିମୟ ଜାରି ରହିଛି। ପୂରା ଅଞ୍ଚଳରେ ସୁରକ୍ଷାକର୍ମୀ ନିୟୋଜିତ ଅଛନ୍ତି। ତଲାସି ଅଭିଯାନ ଜାରି ରହିଛି। ମଣିପୁର ମୁଖ୍ୟମନ୍ତ୍ରୀ ଏନ୍ ବିରେନ୍ ସିଂହ ଯୁବକଙ୍କ ହତ୍ୟା ଘଟଣାକୁ ନିନ୍ଦା କରିଛନ୍ତି।

# ଦିନକରେ ୮ ଶହ ଉପରେ କରୋନା ଆକ୍ରାନ୍ତ ଚିହ୍ନଟ: ୩ ମୃତ

ନୂଆଦିଲ୍ଲୀ, ୩୧/୧୨ : ସାତ ମାସ ପରେ ରେକର୍ଡ ଭାଙ୍ଗିଲା କରୋନା। ପୁଣି ଦେଶରୁ ଚିହ୍ନଟ ହେଲେ ସର୍ବାଧିକ ଆକ୍ରାନ୍ତି। ଦୀର୍ଘ ୭ ମାସ ପରେ ଦେଶରେ ଦିନକରେ ୮୪୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହାକି ଗତ ୧୦ ଦିନର ରିପୋର୍ଟ ତୁଳନାରେ ସର୍ବାଧିକ। ଏହା ସହିତ ସକ୍ରିୟ ମାମଲା ସଂଖ୍ୟା ବର୍ତ୍ତମାନ ୪,୩୦୯ କୁ ବୃଦ୍ଧି ପାଇଛି। ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ସୂଚନା ଦେଇଛି। ସୂଚନାଯୋଗ୍ୟ ଏହା ପୂର୍ବରୁ ୧୯ ମେ' ରେ ୮୬୫ ମାମଲା ରୁଜୁ ହୋଇଥିଲା। ସେହିପରି ଗତ ୨୪ ଘଣ୍ଟାରେ କରୋନାରେ ଆକ୍ରାନ୍ତ ହୋଇ ୩ ଜଣଙ୍କ ମୃତ୍ୟୁ ହୋଇଛି। କେରଳ, କର୍ଣ୍ଣାଟକ ଓ ବିହାରର ଜଣେ ଲେଖାଏଁ ଆକ୍ରାନ୍ତ ପ୍ରାଣ ହରାଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ମୁତାବକ, ବର୍ତ୍ତମାନର ସଂକ୍ରମଣ ବୃଦ୍ଧି ହେବାର ମୁଖ୍ୟ କାରଣ କରୋନାର ନୂଆ ଭାରିଏଣ୍ଟ ଜେଏନ୍.୧। ଅଧ୍ୟୟନରେ, ଏହାର ସଂକ୍ରମଣ ହାର ଅଧିକ ବୋଲି କୁହାଯାଉଛି। ଶୁକ୍ରବାର ସୁଦ୍ଧା

▶▶ପୃଷ୍ଠା ୭


DADLS-69



ନୂଆବର୍ଷ ୨୦୨୪ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି।

ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ। ୨୦୨୪ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ସୁଖ ଓ ସମୃଦ୍ଧିର ବର୍ଷ ହେଉ।

OIPR: 15001/13/0234/2324

DADLS-69



ଇଂରାଜୀ ନବବର୍ଷ-୨୦୨୪ ଅବସରରେ ରାଜ୍ୟର ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନବବର୍ଷ ଆପଣଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ନେଇଆସୁ ଏବଂ ଆପଣଙ୍କ ପ୍ରତିଟି ସ୍ୱପ୍ନ ଚରିତାର୍ଥ ହେଉ, ଏହା ହିଁ ମୋର ଆନ୍ତରିକ କାମନା।

(ପ୍ରଦୀପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଓଡ଼ିଶା

OIPR: 15001/13/0234/2324

୨୦୨୪ ନବବର୍ଷର ଶୁଭେଚ୍ଛା



ନୂଆବର୍ଷରେ ସମସ୍ତଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା। ନୂଆବର୍ଷ ସମସ୍ତଙ୍କ ଜୀବନରେ ଆଣିଦେଉ ଖୁସି ଓ ଆନନ୍ଦ, ସମସ୍ତେ ରୁହନ୍ତୁ ସୁସ୍ଥ ଓ ନିରାମୟ, ଏତିକି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।

ନଳିନୀକାନ୍ତ ଦାସ
ଧାମରା, ଭଦ୍ରକ


# ଦାଦାବଟି ଦେବାକୁ ମନା କଲେ ବ୍ୟବସାୟୀ: ହାଣିଦେଲେ ଦୁର୍ବୃତ୍ତ

କେନ୍ଦ୍ରାପଡ଼ା, ୩୧/୧୨ (ନି.ପ୍ର): ଦାଦାବଟି ପାଇଁ ବୁଲିଲା ମାରଣାସ୍ତ୍ର । ବ୍ୟବସାୟୀଙ୍କୁ ହାଣିଲେ ଦୁର୍ବୃତ୍ତ । ନୂଆ ବର୍ଷ ପୂର୍ବରୁ କେନ୍ଦ୍ରାପଡ଼ା ସହରର ବିଚ୍ ବଜାରରେ ଏପରି ଆତଙ୍କରାଜ ଖେଳାଇଛନ୍ତି କିଛି ଅସାମାଜିକ ଯୁବକ । ଦୁର୍ବୃତ୍ତଙ୍କ ସଂଘବଦ୍ଧ ଆକ୍ରମଣରେ ଗୁରୁତର ହୋଇଥିବା ବ୍ୟବସାୟୀଜଣକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗତ କାଲି ରାତି ନଅଟା ସମୟରେ କେନ୍ଦ୍ରାପଡ଼ା ବଡ଼ ବଜାରରେ ଥିବା ଏକ କପଡ଼ା ସୋ ରୁମର ମାଲିକ ମିଲର ଖାଦୀମ ବକ୍ସ କ୍ୟାସ କାଉଣ୍ଟରରେ ବସିଥିଲେ। ଉକ୍ତ ସମୟରେ ହଠାତ୍ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ମୁଖା ପିନ୍ଧା ଦୁର୍ବୃତ୍ତ ହାତରେ ବାଡ଼ି, ଓ ବିଭିନ୍ନ ମାରଣାସ୍ତ୍ର ଧରି ଶୋ' ରୁମ୍ ଭିତରେ ପଶିଥିଲେ। ଏହାପରେ ସେମାନେ ବ୍ୟବସାୟୀଙ୍କୁ ମିଳିତ ଭାବେ ଆକ୍ରମଣ କରି ସେଠାରୁ ଫେରାର ହୋଇ ଯାଇଥିଲେ। ଦୁର୍ବୃତ୍ତମାନେ ମାରଣାସ୍ତ୍ର ଧରି ବିଚ୍ ବଜାରରେ ବୁଲୁଥିବା ଦେଖି କିଛି ସମୟ ପାଇଁ ରାସ୍ତାରେ ଆତଙ୍କ ଖେଳି ଯାଇଥିଲା। ଏହା ଦେଖି ଆଖିପାଖରେ ଥିବା ଲୋକମାନେ ଛତ୍ର ଭଙ୍ଗ ଦେବା ସହ ଅନ୍ୟ ବ୍ୟବସାୟୀ ନିଜ ଦୋକାନ ଶଟର ପକାଇ ଦେଇଥିଲେ। ଫାଣ୍ଡିଠୁ ଅଳ୍ପ ଦୂରରେ ଖୁଲମଖୁଲା ମାରଣାସ୍ତ୍ର ବୁଲୁଥିବା ବେଳେ ପୁଲିସ୍ ଏ ସମ୍ପର୍କରେ କିଛି ଟେର ପାଇ ପାରି ନ ଥିଲା। ଖବର ପାଇ ପାଟ୍ରୋଲିଂ ଟିମ୍ ପହଞ୍ଚି ଜଣେ ଦୁର୍ବୃତ୍ତଙ୍କୁ କାବୁ କରି ପଚରାଉଚରା କରୁଛି।

# କବିତା ପୁସ୍ତକ 'ଶୁଭଲିତା' ଉନ୍ମୋଚିତ




ବାରିପଦା, ୩୧/୧୨ (ନି.ପ୍ର): ବରିଷ୍ଠ ସାରସ୍ୱତ ସାଧକ କବି ହରନାରାୟଣ ମିଶ୍ର ଙ୍କ ଲିଖିତ କବିତା ପୁସ୍ତକ 'ଶୁଭଲିତା' ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ ସରୋଜ ନାୟକ,ମୁଖ୍ୟବକ୍ତା ଭାବେ କବି ଅମିତାଭ ମିଶ୍ର, ସମୀକ୍ଷକ ଭାବେ ସୌରଭ ତ୍ରିପାଠୀ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ପରିଣତ ବୟସରେ କବିଙ୍କର ମହନୀୟ ଉଦ୍ୟମକୁ ପ୍ରଶଂସା କରିଥିଲେ ।କିଶୋର ସାହିତ୍ୟ ଭିତ୍ତିକ ଏହି ପୁସ୍ତକଟି କବି ଙ୍କ ଲିଖିତ ଅନ୍ୟାନ୍ୟ ପୁସ୍ତକ ଭଳି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ମତପ୍ରକାଶ ପାଇଥିଲା । ସନ୍ନିବେଶିତ କବିତା ଗୁଡ଼ିକ ବେଶ୍ ହୃଦୟସ୍ପର୍ଶୀ ଓ ଶିକ୍ଷଣୀୟ ।ଉକ୍ତ ପୁସ୍ତକଟି କବିଙ୍କ ଲେଖନୀର ପଦଯାତ୍ରା ସିରିଜ୍ ର ତେତିଶ ତମ ପୁସ୍ତକ।

# ଅନୁଗୋଳ ବାଗେଡିଆଠାରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସମାରୋହରେ କେନ୍ଦ୍ରମନ୍ତ୍ରୀ




ବାଗେଡିଆ/ଅନୁଗୋଳ, ୩୧/୧୨ (ନି.ପ୍ର): ବାଗେଡିଆର ନିଜସ୍ୱ ସଂସ୍କାର ଅଛି । ଏହି ମାଟିରେ ଜନ୍ମ ହୋଇ ଅନେକ ସୁଯୋଗ୍ୟ ସନ୍ତାନ ନିଜର ଦକ୍ଷତାର ପରାକାଷ୍ଠା ଦେଖାଇଛନ୍ତି । କ୍ରିକେଟ୍ ଓ ଫୁଟବଲ ଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ଖେଳର ବାତାବରଣ ତିଆରି କରିବାରେ ବାଗେଡିଆ ଆଗରେ ରହିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ଅନୁଗୋଳ ଜିଲ୍ଲା ଛେଣ୍ଡିପଦାର ବାଗେଡିଆ ଠାରେ 'ବାଗେଡିଆ କ୍ରିକେଟ୍ ଆସୋସିଏସନ' ପକ୍ଷରୁ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ସବୁ ବିଷୟରେ ପାରଙ୍ଗମ ଦେଖାଉଥିବା ଅଞ୍ଚଳ ହେଉଛି ବାଗେଡିଆ । ଏହ ଅଞ୍ଚଳରେ ପୂର୍ବରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ହୋଇଥିବା ବେଳେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି । ଆଗାମୀ ଦିନରେ ଆୟୋଜକମାନେ ଭଲିବଲ୍ ପ୍ରତିଯୋଗିତା ଆୟୋଜନ କରିବାର ଯୋଜନା କରିଛନ୍ତି । ଖେଳୁଆଡ ମନଭାବ ତିଆରି କରିବାରେ ବାଗେଡିଆ ଆଗରେ ଅଛି । ସ୍ଥାନୀୟ ଅଞ୍ଚଳରେ କ୍ରିକେଟ୍ ପ୍ରତିଯୋଗିତା ମାଧମରେ ଖେଳ ପ୍ରତି ଯୁବପିଢିଙ୍କୁ ଆକୃଷ୍ଟ କରିବା ଦିଗରେ ଏଭଳି କ୍ରିକେଟ୍ ପ୍ରତିଯୋଗିତାର ଆୟୋଜନ ବେଶ୍ ପ୍ରଶଂସନୀୟ । ଯୁବବର୍ଗ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଥିବା ଖେଳକୁ ନେଇ ଉତ୍ସାହ ଓ ଉଲ୍ଲାସ ଦେଖି ବହୁତ ଖୁସି ଲାଗିଲା । ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିବା ଆସୋସିଏସନର ସମସ୍ତ ସଦସ୍ୟଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ବାଗେଡିଆ ଅଞ୍ଚଳର ମହାପୁରୁଷ ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

# ରାଜ୍ୟସ୍ତରୀୟ ବୀରତା ଦିବସ ପାଳନ ଉପଲକ୍ଷେ ଶହୀଦଙ୍କ ଫଟୋଚିତ୍ରରେରେ ମାଲ୍ୟାର୍ପଣ

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ଶହୀଦ ମାଧୋ ସିଂହଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ବୀରତା ଦିବସ ପାଳନ ଅବସରରେ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସ୍ଥାନୀୟ ଜୟଦେବ ଭବନରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଛି । ଆଜିର ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ, ଜୟଦେବ ଭବନ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସୂର୍ଯ୍ୟ ରଞ୍ଜନ ମହାନ୍ତି,ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ, ସୁଶ୍ରୀ ସଂଗୀତା ମହାରଣା, ତନୁଜା ମହାନ୍ତି, ରୋଜାଲିନ ସାହୁ, ଶ୍ରୀ ସରୋଜ ଶତପଥୀ, ବୁଦ୍ଧିଜୀବୀ ଓ ବିଭିନ୍ନ ସଂସ୍ଥାର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଶହୀଦ ମାଧୋ ସିଂହଙ୍କ ତ୍ୟାଗ, ଦେଶପ୍ରେମ ଓ ବଳିଦାନ ସମ୍ପର୍କରେ ଅତିଥି ମାନେ ସ୍ମୃତିଚାରଣ କରିଥିଲେ ।
ଏଥିସହ ଶହୀଦଙ୍କ ଜନ୍ମସ୍ଥାନ ଘେଁସ, ବରଗଡ଼ ଠାରେ ମଧ ରାଜ୍ୟସ୍ତରୀୟ ବୀରତା ଦିବସ ପାଳନ କରାଯାଉଛି । ସ୍ଥାନୀୟ ଜନସାଧାରଣଙ୍କ ବହୁଦିନର ଅନୁରୋଧ କ୍ରମେ ଚଳିତ ବର୍ଷ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଓ ବରଗଡ଼ ଜିଲ୍ଲା ପ୍ରଶାସନ ସହଯୋଗରେ ଏହା ଆୟୋଜିତ ହୋଇଛି । ଏଥିରେ ବିଭାଗର ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଛନ୍ତି ।

# ବର୍ଷର ଅନ୍ତିମ ଦିବସରେ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼

ପୁରୀ, ୩୧/୧୨ (ନି.ପ୍ର): ରାତି ପାହିଲେ ନୂଆ ବରଷ । ଆଜି ବର୍ଷର ଶେଷ ଦିନ ତଥା ରବିବାର ଯୋଗୁଁ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିରହିଛି । ଶ୍ରଦ୍ଧାଳୁମାନେ ମରିଚିକୋଟ ଛକ ଠାରୁ ଧାଡିରେ ଯାଇ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି । ସୁରକ୍ଷା ପାଇଁ ଶ୍ରୀମନ୍ଦିର ଭିତରେ ୩୭ ସେକ୍ସନ ପୋଲିସ ଫୋର୍ସ ନିୟୋଜିତ ହୋଇଥିବା ବେଳେ ଶ୍ରୀମନ୍ଦିର ବାହାରେ ୬୮ ସେକ୍ସନ ପୋଲିସ ଫୋର୍ସ ନିୟୋଜିତ ହୋଇଛନ୍ତି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅନ୍ୟପକ୍ଷରେ ସହର ସମେତ ସମୁଦ୍ର ବେଳାଭୂମିରେ ଟ୍ରାଫିକ୍ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯାଇଛି । ମାର୍କେଟ୍ ଛକରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଂଚଳକୁ ନୋ ଭେଇକିଲ ଜୋନ୍ କରାଯାଇଛି । ବଡଦାଣ୍ଡରେ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡ଼ି କରାଯାଇଛି । ସେହିପରି ସମୁଦ୍ର କୂଳ ଦିଗବାରିଣୀ ଖୁଂଟି ଠାରୁ ବତୀଘର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ କୌଣସି ଯାନବାହନ ପାର୍କିଂ ହୋଇପାରିବ ନାହିଁ । ଏନେଇ ପୋଲିସ ପକ୍ଷରୁ କଟକଣା ଜାରି କରାଯାଇଛି। ଆଜି ଓ ଆସନ୍ତାକାଲି ପାଇଁ ଏହି ନିୟମ ଲାଗୁ କରିଛି ଜିଲ୍ଲା ପୋଲିସ । ସମୁଦ୍ର କୂଳରେ ପୁରୁଣା ବର୍ଷକୁ ବିଦାୟ ଓ ନୂଆ ବର୍ଷକୁ ସ୍ୱାଗତ କରିବା ପାଇଁ ପର୍ଯ୍ୟଟକଙ୍କ ଗହଳି ଲାଗି ରହିଛି ।


With best Compliment from:-

MANAGEMENT SOCIETY, DHAMARA FISHING HARBOUR, DHAMARA

At:- Dhamara, Dist. Bhadrak- 756171, State: Odisha
www.dhamarafishingharbour.org,
EID- manager.msdfh@gmail.com

An autonomous Society organized for management of Dhamara Fishing Harbour . The Governing Body of the Society is headed by the Commissioner-cum- Secretary to Govt. of Odisha, Deptt. of Fisheries and A.R.D.

Facilities available in the Fishing Harbour :

- Situated 3 K.Ms away from the river mouth enabling smooth sail of trawlers.
- Quality of fish is maintained to international standard by proper handling, processing, packing, icing etc.
- Two jetties having 200 mtrs. length each. Providing better facilities for landing and stack-ing of trawlers/vessels/boats etc.
- Repair of trawlers and vessels in the repair track and dry docking for 24 trawlers at a stretch.
- Supply of fresh water round the 'clock' to the trawlers before going for fishing and to the harbour users.
- Diesel outlet on the jetty for fuel supply.
- 12 Nos. of Ice plants in the vicinity of Dhamara for supply of quality Ice round the clock.
- Storage facilities available for trawler owners.
- Net mending yard for quick repair of nets.
- Rest house facility provided to vessel crews on rent.
- Market complex has been constructed to facilitate business require by the jetty users.
- Pre-Processing Plant for Sea Food Exporter.
- Further facilities to the entrepreneurs and exporters for stor age, shorting, grading and icing are,provided.
- Facilities like Chitin Plant and Cold storage are in the pipe line for construction. Visit us at www.dhamarafishingharbour.org and we will be proud of you.

Manager,
Management Society,
Dhamara Fishing Harbour,

D.F.O., Bhadrak And Secretary,
Management Society, Dhamara
Fishing Harbour, Dhamara.

EMail ID : manager.msdfh@gmail.com, dfo. bhadrak@gmail.com

Hello: 06784-240223, 06786-222500


# ନୂତନ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ



କଟକ , ୩୧/୧୨ (ନି.ପ୍ର): ଓଡିଶା ପୋଲିସର ନୂତନ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ଶ୍ରୀଅରୁଣ କୁମାର ଷଡଙ୍ଗୀ, ଆଇ.ପି.ଏସ ଆଜି ଅପରାହ୍ନରେ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେପୂର୍ବତନ ଡି.ଜି.ପି ଶ୍ରୀ ସୁନୀଲ କୁମାର ବଂସଲଙ୍କ ଠାରୁ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତିଶ୍ରୀ ଅରୁଣ କୁମାର ଷଡଙ୍ଗୀ ଆ।ଇ.ପି.ଏସପୋଲିସ ମୁଖ୍ୟାଳୟରେ ପହଂଚିବା ପରେ ତାଙ୍କୁ ଉପସ୍ଥିତ ବରିଷ୍ଠ ଅଧିକାରୀ ମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହାପରେ ଡିଜିପି ଶ୍ରୀ ଷଡଙ୍ଗୀ ଶହିଦ ସ୍ମୃତି ସ୍ତମ୍ଭ ଠାରେ ମାଲ୍ୟାର୍ପଣ କରିଥିଲେ । ପରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ । ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ଡିଜିପି ଶ୍ରୀ ଷଡଙ୍ଗୀ କହିଥିଲେ ଯେ ଓଡିଶା ପୋଲିସର ସ୍ୱତନ୍ତ୍ର ଗରିମା ଏବଂ ଗୌରବ ରହିଛି । ଗତ କିଛି ବର୍ଷ ଧରି ରାଜ୍ୟ ପୋଲିସକୁ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛି ବୋଲି କହିଥିଲେ । ପୋଲିସକୁ ସଶକ୍ତ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ସହଯୋଗ ରହିଛି ବୋଲି ସେ କହିବା ସହ ରାଜ୍ୟ ସରକାରଙ୍କ ସହଯୋଗରେ ଆଗାମୀ ଦିନରେ ପୋଲିସ ଅଧିକ ଶକ୍ତିଶାଳୀ ହେବ । ଏହି ଅତିରିକ୍ତ ଦାୟିତ୍ୱର ସମୟ ସୀମା ମଧ୍ୟରେ ସମସ୍ତଙ୍କ ସହଯୋଗରେ ନିଜର ଦାୟିତ୍ୱ ନିର୍ବାହ କରିବେ ବୋଲି ମତବ୍ୟକ୍ତ କରିଥିଲେ । ଅପରାଧ ନିରାକରଣ, ଅପରାଧ ଅନୁସନ୍ଧାନ ଏବଂ ଆଇନ ଶୃଙ୍ଖଳା କ୍ଷେତ୍ରରେ ଯେମିତି କୌଣସି ଉଦାସୀନତା ଦେଖାନଯିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବି ବୋଲି ପ୍ରତିକ୍ରିୟା ରଖିଥିଲେ । ସାଧାରଣ ଲୋକଙ୍କୁ ଗୁଣାତ୍ମକ ପୋଲିସ ସେବା ଯୋଗାଇଦେବା ସହ ସମାଜକୁ ଅପରାଧ ମୁକ୍ତ,ଅପରାଧ ଦମନ, ଏବଂ ସଶକ୍ତ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ ।

ସୂଚନାଯୋଗ୍ୟଯେ ୧୯୯୦ ବ୍ୟାଚର ଆଇ.ପି.ଏସ୍ ଅଧିକାରୀ ଶ୍ରୀ ଷଡଙ୍ଗୀ ବଲାଙ୍ଗୀରଜିଲ୍ଲାର ମୂଳବାସିନ୍ଦା ଅଟନ୍ତି ତାଙ୍କ ଚାକିରି କାଳ ମଧ୍ୟରେ ସେ ରାୟଗଡ଼ା, ଜଗତସିଂହପୁର, ବ୍ରହ୍ମପୁର, କଟକ (ରେଲୱେ), ଏଟିସି (ଏନଫୋର୍ସମେଂଟ), କୋରାପୁଟ,ଖୋର୍ଦ୍ଧା, ରାଉରକେଲା, କ୍ରାଇମବ୍ରାଂଚର ଆରକ୍ଷୀ ଅଧିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି। ପରେ ଡିଆଇଜିଭାବେ ଉତ୍ତର କେନ୍ଦ୍ରାଂଚଳ ରେଞ୍ଜ (ତାଳଚେର), ଅ ପରେସନ( ଭୁବନେଶ୍ୱର), ଆଇନଓ ଶୃଙ୍ଖଳା, କଟକ ଠାରେ କାର୍ଯ୍ୟ କରିଥିଲେ । ସେହିପରି ଆଇଜିପି (ଆଇନ ଓ ଶୃଙ୍ଖଳା), କଟକ ସମେତ ବିପିଏସପିଏ, ଭୁବନେଶ୍ୱରର ଅତିରିକ୍ତ ଦାୟିତ୍ୱ ତୁଲାଇ ଥିଲେ । ବିପିଏସପିଏ ର ଆଇଜିପି (ଟ୍ରେନିଂ), ଆଇଜିପି (ଅପରେସନ), (ଗୁଇନ୍ଦା), ଭିଜିଲାନ୍ସ ଭାବେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସଫଳତାର ସହ କାର୍ଯ୍ୟ କରିଥିଲେ । ଏହାପରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଗୁଇନ୍ଦା) ଏବଂ ନିର୍ଦ୍ଦେଶକ (ବିପିଏସପିଏ), ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲେ । ଏହାପରେ ତାଙ୍କର ସ୍ୱତନ୍ତ୍ର ଆରକ୍ଷୀ ମହାନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ହୋଇଥିଲା । ଏବେମଧ ସେଠାରେ ସେ ନିର୍ଦ୍ଦେଶକ (ବିପିଏସପିଏ) ଭାବେ କାର୍ଯ୍ୟରତ ଅଛନ୍ତି । ଦାୟିତ୍ୱ ଗ୍ରହଣ ସମୟରେ ରାଜ୍ୟ ପୋଲିସ ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ ପୋଲିସ ମୁଖ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ସମ୍ବଲପୁରରେ ୩ଟି କୌଶଳ ରଥର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୩୧/୧୨ (ନି.ପ୍ର): ଇଂରାଜୀ ନବବର୍ଷର ଅବ୍ୟବହିତ ପୂର୍ବରୁ ଓଡ଼ିଶାର ଯୁବବର୍ଗଙ୍କୁ ମାଗଣାରେ ଡିଜିଟାଲ ଶିକ୍ଷା ସହ ସେମାନଙ୍କୁ ଦକ୍ଷତା ବଢାଇବା ଲକ୍ଷ୍ୟରେ ରବିବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ଗୋଶାଳା ଛକରୁ ଏନଏସଡିସି ଦ୍ୱାରା ୩ଟି ଅତ୍ୟାଧୁନିକ କୌଶଳ ରଥ ର ଶୁଭାରମ୍ଭ କରିଛନ୍ତି । ଏ ରଥ ସମ୍ବଲପୁର, ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଂଚଳରେ ଗଡ଼ିବ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ଦେଖିଥିବା ବେଳେ ଦେଶ ପ୍ରଗତିର ପଥରେ ଅଗ୍ରସର ହେଉଛି । ଆର୍ଟିଫିସିଆଲ ଇଂଟେଲିଜେନ୍ସ ଓ ମେସିନ ଲର୍ଣ୍ଣିଂର ଚାହିଦା ବଢୁଛି । ମୋଦି ସରକାରରେ ଦେଶରେ ଡିଜିଟାଲ କାରବାରର ନୂଆ ରୂପରେଖ ପରିବର୍ତ୍ତନ ହୋଇଛି । ବିଶ୍ୱର ଉତ୍ପାଦନର କାରଖାନା ଭାରତ ହେବା ପାଇଁ ଯାଉଛି । ଭାରତର ଯୁବଶକ୍ତିଙ୍କ ଆବଶ୍ୟକତାକୁ ଦେଖି ସେମାନଙ୍କୁ ଦକ୍ଷ କରିବା ପାଇଁ ପଡିବ । ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ଶୁଭାରମ୍ଭ ହୋଇଥିବା ରଥ ସମ୍ବଲପୁର ସମେତ ଅନୁଗୋଳ, ଢେଙ୍କାନାଳ ଓ ଦେବଗଡ଼ ଜିଲ୍ଲାର ବିଭିନ୍ନ ପଂଚାୟତକୁ ଯିବ । ନିର୍ଦ୍ଦିଷ୍ଟ ସମୟ ଅବଧିରେ ପଞ୍ଜିକରଣ କରିଥିବା ଯୁବକ ଯୁବତୀ ମାନଙ୍କୁ ଟ୍ରେନିଂ ଦିଆଯିବ । ଆତ୍ମନିର୍ଭର ହେବା ପାଇଁ ଉଦ୍ୟମିତାର ପ୍ରଶିକ୍ଷଣ ଦିଆଯିବ । ଗାଁ ବିଶେଷ ଭାବରେ ଗରିବ ଯୁବକ ଯୁବତୀ ମାନଙ୍କ ଦକ୍ଷତା ବଢାଇବା ଦିଗରେ ଏହି ରଥ କାମ କରିବ । ଆଗାମୀ ଦିନର ପରିବର୍ତ୍ତିତ ଦୁନିଆରେ ନୂତନ ଟେକ୍ନୋଲୋଜି ଓ ସ୍କିଲ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ଅତ୍ୟାଧୁନିକ ଉପକରଣରେ ସୁସଜ୍ଜିତ ଏହି ସ୍କିଲ୍ ରଥ ଯୁବବର୍ଗଙ୍କୁ ବହୁତ



ଲାଭ ଦେବ । କମ ସମୟ ମଧ୍ୟରେ ଡିଜିଟାଲ ଶିକ୍ଷା ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପନାରେ ସ୍କିଲ୍ ଇଣ୍ଡିଆ ମିଶନକୁ ବଡ ଗତି ଦେବ । ଯେଉଁ ସମୟରେ ୨ କୋଟି ଲକ୍ଷପତି ଓ ନମୋ ଡ୍ରୋନ୍ ଦିଦି ଦେଶରେ ମହିଳାଙ୍କୁ ସଶକ୍ତିକରଣ କରିବାର ନୂଆ ପଥ ଦେଖାଇଛି, ସେହି ସମୟରେ ଏହି ରଥ ସ୍ଥାନୀୟ ଗ୍ରାମୀଣ ଯୁବକ ଯୁବତୀ, ବିଶେଷ କରି ଝିଅ ଓ ମହିଳାମାନଙ୍କୁ ଡିଜିଟାଲ ଦକ୍ଷତା ତାଲିମ୍ ଦେଇ ସଶକ୍ତ କରିବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମୋଦି ହୈ ତ ମୁମକିନ୍ ହୈ । ଏହି ଦକ୍ଷତା ରଥ ଆମ ଯୁବପିଢ଼ିଙ୍କୁ କୁଶଳ କରିବା ଭଳି ସମସ୍ତ ସୂଚନା ପ୍ରଦାନ କରିବ । ବିଭିନ୍ନ କଲେଜରେ ଛାତ୍ରଛାତ୍ରୀ ମାନଙ୍କୁ ଏହି ଅତ୍ୟାଧୁନିକ କୌଶଳ ରଥ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ । ଏହା ଯୁବବର୍ଗଙ୍କ ପାଇଁ ଆର୍ଥିକ ସାକ୍ଷରତା, ଡିଜିଟାଲ ସାକ୍ଷରତା, ରିଟେଲ ଦକ୍ଷତା ଏବଂ ଉଦ୍ୟମିତା ଆଦିର ଏକ ବଡ଼ ପ୍ଲାଟଫର୍ମ ଭାବେ କାମ କରିବ । ଏହି କୌଶଳ ରଥ ଉପକ୍ରମ ଯୁବ ସଶକ୍ତୀକରଣ ପ୍ରତି ମୋଦି ଗ୍ୟାରେଂଟିର ସବୁଠୁ ବଡ଼ ପ୍ରମାଣ ।

# ମାସିକ ସାହିତ୍ୟ ପତ୍ରିକା ସୁଦେଷ୍ଣା ଉନ୍ମୋଚିତ



କଟକ , ୩୧/୧୨ (ନି.ପ୍ର): ଚଳିତ ମାସ ଡିସେମ୍ବର ୨୮ରେ ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦର ମୁଖପତ୍ର (ସାହିତ୍ୟ, କଳା, ସଂସ୍କୃତି) ସମ୍ବାଦ ଭିତ୍ତିକ ମାସିକ ସାହିତ୍ୟ ପତ୍ରିକା 'ସୁଦେଷ୍ଣା'ର ଉନ୍ମୋଚନ ପର୍ବ କଟକର ସିଡ଼ିଏ ଠାରେ ଅବସ୍ଥିତ ଏସଏନ ପ୍ରଡକ୍ସନରେ ପତ୍ରିକାର ସମ୍ପାଦକ କାବ୍ୟଭୂଷଣ ଶିବ ପ୍ରସାଦ ବାହିନୀପତିଙ୍କ ଅଧିନରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଭୁବନେଶ୍ୱରସ୍ଥ ଗଙ୍ଗୋତ୍ରୀ ନଗର ଟାରେ ସଭାପତି କୁମାରକବି ପ୍ରଶାନ୍ତ ବାହିନୀପତିଙ୍କୁ ପତ୍ରିକା ଅର୍ପଣ କରିବା ପରେ କଟକର ସିଡ଼ିଏ ଠାରେ ବହୁ ମାନ୍ୟଗଣ୍ୟ ବଦାନ୍ୟ ସାରସ୍ୱତ ସାଧକ ମାନଙ୍କ ଗହଣରେ ଏହି ପତ୍ରିକାର ଉନ୍ମୋଚନ ହୋଇଥିଲା । ଏଥିରେ ମଞ୍ଚ ପରିଚାଳନା କରିଥିଲେ ସମ୍ପାଦକ କାବ୍ୟଭୂଷଣ ଶିବ ପ୍ରସାଦ ବାହିନୀପତି ଏବଂ ସଭାପତିତ୍ୱ କରିଥିଲେ ବିଶିଷ୍ଟ ସଂଳାପ, ସଙ୍ଗୀତ ଲେଖକ ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଭୁ ପ୍ରସାଦ ତ୍ରିପାଠୀ । ମୁଖ୍ୟ ଅତିଥି ବିଶିଷ୍ଟ କାହାଣୀ, ଚିତ୍ରନାଟ୍ୟ, ତଥା ସଂଳାପ ଲେଖକ ଶ୍ରୀଯୁକ୍ତ ଜାମେଶ ଶୁକ୍ଳ ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ନାୟକ, ସାଉଣ୍ଡ ଇଞ୍ଜିନିୟର ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ବେହେରା, 'ବସୁଧା'ର ସାମ୍ବାଦିକ ଶ୍ରୀଯୁକ୍ତ ଦୁର୍ଲଭ କୁମାର ମହାରଣା, ଶ୍ରୀଯୁକ୍ତ ମୋହନଲାଲ ପରମାର କାର୍ଯ୍ୟକ୍ରମରେ ଯୋଗଦାନ କରି ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସମ୍ପାଦକଙ୍କ ପ୍ରୟାସକୁ ସାଧୁବାଦ ଜଣାଇ ଥିଲେ । ନିରୁତା ସାହିତ୍ୟ ସୃଷ୍ଟି କରିବାରେ କାବ୍ୟଭୂଷଣ ଅଗ୍ରଗଣ୍ୟ ବୋଲି ଭୁରି ଭୁରି ପ୍ରଶଂସା କରିଥିଲେ । ଶେଷରେ ବିଶିଷ୍ଟ କବୟିତ୍ରୀ ତଥା ଗୀତିକାର ଓ ସଂଳାପ ଲେଖିକା ସୁଖଦା ମାଇତି ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂଆ ବରଷର ନୂତନ ଆଶା

### ନିରଞ୍ଜନ ସାହୁ

ନୂଆ ବରଷରେ ନିଷ୍ଟେ ଭେଟ ହେବା
ମନରେ ରହିଛି ଆଶା
ନୂଆ ବରଷରେ ନିଷ୍ଚୟ ଲେଖିବ
ଗୋପନ ମନର ଭାଷା ।
ନୂଆ ବରଷରେ ହୃଦୟକୁ ଖୋଲି
ପାଇବା ଅଧିକ ଭଲ
ନୂଆ ବରଷରେ ହେବା ନାହିଁ ଜମା
ଆଗପରି କଲବଲ
ନୂଆ ବରଷରେ ନୂଆ କିଛି କଥା
କହିବ ଲାଗିବ ଖାସା ।
ନୂଆ ବରଷରେ ନୂତନ ଶପଥ
ନେଇଯିବା ପରା ଆମେ
ନୂଆ ବରଷରେ ନୂଆ କାମ କରି
ଯଶ ବଢ଼ାଇବା ନାମେ
ନୂଆ ବରଷରେ ଦୁଃଖ କରିବାନି
ଫୁଲିବନି ମୁହଁ, ନାସା ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
(ମୋ)୯୯୩୮୭୪୧୫୮୩




## ଅନ୍ତର୍ଚେତନାକୁ ପ୍ରଜ୍ଜ୍ୱଳିତ କରେ ପୁସ୍ତକ ରୂପି ଜ୍ଞାନଦୀପ

### କାଳୀପଦ ପଣ୍ଡା



ମଣିଷ ଯେବେଠୁଁ ଅକ୍ଷରଜ୍ଞାନ ଆହରଣକରି ପଢ଼ିବା ଆରମ୍ଭ କରିଛି ସେଇ ମାହେନ୍ଦ୍ରଲଗ୍ନରୁ ହିଁ ତାର ଚେତନାଜଗତରେ ଆଲୋଡ଼ନ ସୃଷ୍ଟି ହୋଇଛି । ମଣିଷର ପଥପ୍ରଦର୍ଶକ ଭାବେ ପୁସ୍ତକ ମୁଖ୍ୟ ଭୂମିକା ନିର୍ବାହ କରିଥାଏ । ଦୁନିଆରେ ସେ ସବୁଠୁ ଭଲବନ୍ଧୁ ରୂପେ ଦିଶା ନିର୍ଦ୍ଦେଶ କରାଏ । ଆତ୍ମଜ୍ଞାନଲାଭର ସେ ଆଲୋକବର୍ତ୍ତିକା । ସେ ବିପଦର ବନ୍ଧୁ ହୋଇ ସାନ୍ତ୍ୱନା ଓ ସୁସୁପ୍ତି ଦେଇଥାଏ । ବ୍ୟକ୍ତିର ବୌଦ୍ଧିକ ଶକ୍ତିକୁ ପରିବ୍ୟାପ୍ତ କରିଥାଏ । ମହତଜନ ହେବାର ଯେଉଁ ଶିକ୍ଷା । ଏବଂ ବିଦ୍ୟାର ଆବଶ୍ୟକତା ଥାଏ, ତାହା ବହିରୁ ହିଁ ମିଳିଥାଏ । ବହି ପଢ଼ିବା ଭିତରେ ବ୍ୟକ୍ତି ଅଧିକ ସଂସ୍କାରିତ ହୋଇଯାଏ । ବହି ପଢ଼ି ମଣିଷ ବିପଥଗାମୀ ନହୋଇ ବରଂ ସୁପଥର ସଂଧାନୀ ହୁଏ ।

ବୌଦ୍ଧିକ ଅନୁଭୂତି ଆସେ ଅଧିକରୁ ଅଧିକ ପଠନାଭ୍ୟାସରୁ । ବିବିଧ ବିଭାଗର ପୁସ୍ତକ ଅଧ୍ୟୟନରେ ଜ୍ଞାନବିଜ୍ଞାନ ଆହରଣ ଘଟେ, ଯଦ୍ୱାରା ତାର କର୍ମଜଗତ ପାଇଁ ବତିଖୁଣ୍ଟ ସଦୃଶ କାର୍ଯ୍ୟ କରେ । ଦୁର୍ଗୁଣ ଓ ସଦ୍‌ଗୁଣଠାରୁ ଆରମ୍ଭ କରି ଭାବନା ଓ ଚିନ୍ତାଜଗତକୁ ଏକ ବିସ୍ତାରିତ ବଳୟମଧ୍ୟକୁ ପହଞ୍ଚାଇଦିଏ ପୁସ୍ତକ ଅନ୍ତର୍ଗତ ଜ୍ଞାନ । ସେ ବ୍ୟକ୍ତିକୁ ଲଢ଼ିବାକୁ ଯେଉଁଭଳି ଉତ୍ସାହ ଓ ଅଫୁରନ୍ତ ଶକ୍ତି ପ୍ରଦାନ କରେ ସେହିଭଳି ସ୍ୱପ୍ନାଭିଳାଷୀ ସହ ଉଚ୍ଚଆକାଂକ୍ଷା ପୋଷଣର ପଥ ନିର୍ଦ୍ଦେଶ କରାଏ । ଭାଙ୍ଗିପଡୁଥିବା ମଣିଷକୁ ବାଟ ଚାଲିବାର ରାହା ଦେଖାଏ । ନିରନ୍ତର ପଠନାଭ୍ୟାସ ଏକ ଯୋଗ ସମତୁଲ୍ୟ । ମସ୍ତିଷ୍କରେ ସେ ତରଙ୍ଗ ଖେଳାଇ ମନ ଓ ହୃଦୟରେ ଅନିର୍ବଚନୀୟ ସୁଖଶାନ୍ତି ଆଣିଦିଏ । ସବୁ ସମୟରେ ସେ ଉତ୍ତମ ବନ୍ଧୁ ସ୍ଥାନରେ ରହିଥାଏ । ସେ ସହସ୍ର ସହସ୍ର ବର୍ଷର ମାନବଜୀବନର କ୍ରମୋନ୍ନତିର ଇତିହାସ ଆମକୁ ଜଣାଇ ଚାଲିବା ସହ ଭବିଷ୍ୟତ ସମ୍ଭାବନାର ଦିଗ ଦିଗନ୍ତକୁ ଆମ ସମ୍ମୁଖରେ ତୋଳିଧରେ । ଭବିଷ୍ୟତ ନିର୍ମାଣର ସୌଧ ଗଢ଼େ ପୁସ୍ତକ । ଶୃଙ୍ଖଳା, ସଦାଚାର, ଗ୍ରାହସ୍ଥଧର୍ମ, ସାମାଜିକଚଳଣି, ପରିବେଶ ଜ୍ଞାନ, ଯନ୍ତ୍ରଜ୍ଞାନ ସର୍ବୋପରି ଆଧ୍ୟାତ୍ମିକ ଜ୍ଞାନର ମୂଳଉତ୍ସ ପୁସ୍ତକ । ପୁସ୍ତକ ପଠନ ପ୍ରତିଟି ବ୍ୟକ୍ତି ପାଇଁ ମହୋଷଧି ସ୍ୱରୂପ । ସକାଳ ବିଷାଦ ଅବସ୍ଥାକୁ ଦୂରୀଭୂତ କରିବାରେ ସାମର୍ଥ୍ୟ ବହନ କରେ । ୨୦୨୪ ପ୍ରାରମ୍ଭକୁ ସମଗ୍ର ବିଶ୍ୱର ଜନସଂଖ୍ୟା ୮୫୦ କୋଟିରେ ପହଞ୍ଚିବାକୁ ଯାଉଥିବାବେଳେ ମଣିଷକୁ ଯଦି ନାନାବିଧ ଅସଙ୍ଗତିରୁ ଦୂରେଇ ରଖି ଦେବତ୍ୱଗୁଣକୁ ପ୍ରକଟ କରିବାରେ କେହି ସହାୟକ ହେବ, ତାହା କେବଳ ପୁସ୍ତକ ହିଁ ପୁସ୍ତକ । ତା'ର ବିକଳ୍ପ ନାହିଁ ।

ଅବଶ୍ୟ ସବୁ ପୁସ୍ତକ ଯେ ପଠନଯୋଗ୍ୟ ତାହା କୁହାଯାଇ ନପାରେ । ବିଶ୍ୱର ସମସ୍ତ ଭାଷାର ଉତ୍କୃଷ୍ଟ ପୁସ୍ତକକୁ ଅନୁବାଦ (ଆଦାନ ପ୍ରଦାନ) ପ୍ରକ୍ରିୟାରେ ସର୍ବୋତ୍ତମ ପୁସ୍ତକ ସହ ଯୋଡ଼ିହେବାର ଅବାଶ୍ୟକତା ରହିଛି । ବୃତ୍ତିଗତ ଜ୍ଞାନର ପରିବର୍ଦ୍ଧନ ସହ ଚେତନା ଚୌହଦୀକୁ ବିସ୍ତୃତ ଦିଗବଳୟ ଆଡ଼କୁ ନେବାକୁ ହେଲେ ଆଜିର ଦୁନିଆର ଟେକ୍ନୋଲୋଜିର ଅପବ୍ୟବହାରଠୁଁ ନିସ୍ତାର ପାଇବାକୁ ପୁସ୍ତକକୁ ଆପଣେଇ ନେବା ଏକାନ୍ତ ଜରୁରି । ଘରେଘରେ ବ୍ୟକ୍ତିଗତ ପାଠାଗାର ପରିକଳ୍ପନା କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ।

+ ସୂନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩

## ନୂତନ ବର୍ଷର ଶୁଭ ବାର୍ତ୍ତା

### ତୃପ୍ତି ରାଣୀ ପାତ୍ର



ଆସ ଆସ ହେ ନୂତନ ବରଷ ମହକାଇ ସୁମଞ୍ଜୁଳ ସୁବାସ, ସୁସ୍ୱାଗତ କରୁଅଛୁ ସର୍ବେ ହୋଇଣ ହରଷ । ସିଞ୍ଚିଦିଅ ନବଦିଗନ୍ତ ବିସ୍ତାରି ପ୍ରତିଜଣ ମଥାପରେ ପ୍ରେମର ପିୟୂଷ । ଦେଇଯାଅ ପ୍ରତି ଅନ୍ତଃଆତ୍ମାରେ ଶାନ୍ତ ସ୍ନିଗ୍ଧ ମଧୁ ପ୍ରୀତିର ପରଶ, ତୁମ ଆଗମନେ ପୁଲକିତ ହୋଇଯାଉ ଆମର ଏ ପରିବେଶ । ନାଚିଉଠୁ ଧରଣୀ ରାଣୀ ଉପୁଜାଇ ଅନେକ ଶସ୍ୟ ସମ୍ପଦ । ହସିଉଠୁ ଧରା ଗଗନ ଲଭି ବିଭୁଙ୍କ କରୁଣା ଅଶେଷ । ହଜିଯାଉ ଦୂରେ ବହୁଦୂରେ ଅହମିକା ଅଭିମାନ ରୋଷ ମାଟି ମାଆ ସନ୍ତାନ ଲଭନ୍ତୁ ହୃଦୟେ ଆନନ୍ଦ ଉଲ୍ଲାସ ଭରିଯାଉ ହୃଦୟରେ ଦିବ୍ୟ ଅନୁଭବ ସ୍ପର୍ଶ । ଘୁଞ୍ଚିଯାଉ ହୃଦୟରୁ ଯେତେ ଆବିଳତା ଦୟାକ୍ଷମା ସେବା ପ୍ରେମ ସମ୍ମୋହନେ ଭରିଦିଅ ସତ୍ୟ ଶାନ୍ତି ନବ ପ୍ରୋତ୍ସାହନ, ହସିଉଠୁ ସବୁରି ଅନ୍ତର ଆନନ୍ଦ ମନେ । ଭାଇଚାରା ପ୍ରେମର ସନ୍ଦେଶେ ହସୁଉଠୁ ଏ ସାରା ଭୁବନ । ନୂତନ ବର୍ଷର ନୂତନ ଦିବ୍ୟ ଆଲୋକରେ ଆଲୋକିତ ହେଉ ସବୁରି ହୃଦୟ ମନ । ଶିହରିତ ହେଉ ତପ୍ତ ଉଦ୍ଦିପିତ ଉଚ୍ଛ୍ୱାସ, ହସିଉଠୁ ଧରା ଗଗନ ଗାଇ ଶାନ୍ତି ମୈତ୍ରୀ ପ୍ରୀତିର ସଙ୍ଗୀତ । ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟ ।

+ସହଦେବଖୁଣ୍ଟା ବାଲେଶ୍ୱର

## ଶୁଭକାମନା

### ଲୋକନାଥ ମହାପାତ୍ର

ନୂଆ ବରଷରେ ନୂଆ ବରଷ
ଦେଇଯା ସବୁରି ମନେ ହରସ
ଲିଭାଇ ପୁରୁଣା ତିକ୍ତ ଅନୁଭୂତି
ଦେଇଯା ମଧୁର ଭାବ ସରସ
ଦୂର ହେଉ କରୋନା ରୋଗ ମହାମାରୀ
ଯୁଦ୍ଧର ଘନଘଟା ବିଶ୍ୱେ ଯାଉ ଛାଡ଼ି
ଦୂର ହେଉ ଘୃଣା ହିଂସା ଆତଙ୍କବାଦ
ସବୁଆଡେ ଭରିଯାଉ ଶାନ୍ତି ଓ ଭ୍ରାତୃତ୍ୱ
ନବବର୍ଷ ଦୁଇ ହଜାର ଚବିଶି
ଅଣୁ ସଭିଙ୍କ ପାଇଁ ସୁଖ ଓ ସମୃଦ୍ଧି
ଅଜ୍ଞାନତାର ଅନ୍ଧକାର ହେଉ ଦୂର
ମନରେ ଭରିଯାଉ ଆଶାର ଲହର
ସମସ୍ତଙ୍କୁ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା
ଅଭିନନ୍ଦନ
ଜ୍ଞାନର ଆଲୋକେ ଆଲୋକିତ ହେଉ
ସଭିଙ୍କ ଜୀବନ
ଏହା ହିଁ ନବବର୍ଷର ଶୁଭକାମନା
ଅଣୁ ସଭିଙ୍କ ପାଇଁ ଉତ୍ସାହ ଉଦ୍ଦୀପନା ।

+ ଗୋଲାପଲ୍ଲୀ ସାହି, ବ୍ରହ୍ମପୁର

## ନୂଆ ବର୍ଷର ନୂଆ ସଂକଳ୍ପ

### ଦିପ୍ତିମୟୀ ନାୟକ

ନୂଆବର୍ଷରେ ଅନେକ ଲୋକ ଅନେକ ସଂକଳ୍ପ ନେଇଥାନ୍ତି । କିଏ ନିଜ ଜୀବନକୁ ନୂଆ କରି ଆରମ୍ଭ କରିବାକୁ ପ୍ରତିଜ୍ଞା କରୁଥାଏ ତ ପୁଣି ଆଉ କିଏ ନିଜ ଖରାପ ଅଭ୍ୟାସକୁ ନିଜଠାରୁ ଦୂରେଇଦେବା କଥା କହୁଥାଏ । ଏହି ନୂଆବର୍ଷ ପ୍ରତିବର୍ଷ ଭଳି ଲୋକଙ୍କୁ ନୂଆ ନୂଆ ସ୍ୱପ୍ନ ଦେଖେଇଥାଏ । ଆଉ ଏହି ସ୍ୱପ୍ନ ସବୁ ଭିତରେ ଏହି ମଣିଷ ଯେମିତି ଖୋଲା ଆକାଶ ତଳେ ଉଡି ବୁଲୁଥାଏ । କେବେ ସେ ନିଜକୁ ମୁକ୍ତ ଆକାଶର ପକ୍ଷୀ ଭାବୁଥାଏ ତ ଆଉ କେବେ ସବୁ ପାଇଯାଇଛି କହି ଖୁସିରେ ଆତ୍ମବିହୋର ହୋଇ ଉଠୁଥାଏ ।

ତେବେ ଏହି ନୂଆବର୍ଷରେ ପ୍ରତ୍ୟେକ ଲୋକ ନିଜ ପରିବାର, ସାଙ୍ଗସାଥି ଏବଂ ବନ୍ଧୁ ପରିଜନ ମାନଙ୍କ ସହ ଭୋଜି ଭାତର ଆସର କରି ମଜା ମସ୍ତି କରିଥାନ୍ତି । ଆଉ କିଛି ନିଜ ଲକ୍ଷ୍ୟସ୍ଥଳରେ ପହଁଚିବା ପାଇଁ ଏହି ନୂଆବର୍ଷରେ ସଂକଳ୍ପ ନେଇଥାନ୍ତି । କିଏ ନିଜ ଭଙ୍ଗା ହୃଦୟକୁ ଯୋଡିବାପାଇଁ ଚେଷ୍ଟା କରେ ତ ଆଉ କିଏ ନିଜ ମନ୍ଦ ଅଭ୍ୟାସ ଠାରୁ ନିବୃତ ରହିବାକୁ ଚେଷ୍ଟା କରେ ତ ପୁଣି କିଏ ସାମାଜିକ ପ୍ରତିଷ୍ଠା ପାଇବାପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଥାଏ ଆଉ କିଏ ପୁଣି କହୁଥାଏ ହେ ଭଗବାନ ମୋର ପଛେ ଯାହା କ୍ଷତି ହୋଇଯାଉ କିନ୍ତୁ ମୋ ପରିବାରର କିଛି କ୍ଷତି ନହେଉ । ତେବେ ଏହି ସଂକଳ୍ପର ଲମ୍ବା ଲିଷ୍ଟ ଭିତରେ ପୂର୍ବବର୍ଷର କିମ୍ବା କିଛି ବର୍ଷ ପୂର୍ବର ଅଧା ଅଧୁରା ସ୍ୱପ୍ନ ଯୋଡ଼ା ହୋଇଥାଏ ଯାହା ଏହି ମଣିଷକୁ ବେଳେବେଳେ ବିଚଳିତ କରିଥାଏ । ତେବେ ନୂଆବର୍ଷ ପାଇଁ ଆମେ ଯେଉଁ ସଂକଳ୍ପ କଥା କହୁଛେ ଆମେ ତ କିଛି ବର୍ଷ, କିଛି ମାସ, ଆଉ କିଛି ଦିନ ଆଗରୁ ନେଇସାରିଛେ ବାସ୍ ଆଉ କିଛି ଦିନ, ଆଉ କିଛି ମାସ, ଆଉ କିଛି ବର୍ଷକୁ ଅପେକ୍ଷା କରିବାକୁ ପଡିବ । କେବଳ ଅପେକ୍ଷା ନୁହେଁ ଆମର ମନୋବଳକୁ ସେତିକି ସୁଦୃଢ କରିବାକୁ ପଡିବ ଯେମିତି ଏହି କିଛି ସଂକଳ୍ପ ଆମର ପୂରଣ ହେବ । ତେବେ ନୂଆବର୍ଷ ପାଇଁ ସମସ୍ତଙ୍କୁ ଖୁସିତ ନିହାତି ଲାଗିବ ହେଲେ ପୁରୁଣା ବର୍ଷର ପୁରୁଣା ଅଦରକାରୀ କ୍ୟାଲେଣ୍ଡର ପୃଷ୍ଠା ଭଳି ନିଜ ନିଜ ପୁରୁଣା ଦିନ ସବୁ ମନେ ପଡିବ । ଅବଶ୍ୟ ନୂଆବର୍ଷ ଆସିଲେ ସବୁଠି ଶୁଭେଚ୍ଛାର ଶୁଅ ଛୁଟିବ । ହେଲେ ଭାଗ୍ୟ ପରିବର୍ତ୍ତନ ହେବନି । କିନ୍ତୁ ଫୋନରେ ନିଶ୍ଚିନ୍ତ ଭାବରେ ଅନ୍ୟ ମାନଙ୍କର ଶୁଭେଚ୍ଛା ବାର୍ତ୍ତାରେ ଫୋନ ମେମୋରୀ ଭର୍ତ୍ତି ହୋଇଯାଇଥିବ । ଆଉ ହିଁ ପ୍ରାୟ ଲୋକ ଏହି ନୂଆବର୍ଷରେ ଜ୍ୟୋତିଷ ମାନଙ୍କ ପାଖକୁ ଯାଆନ୍ତି ନିଜ ଭାଗ୍ୟ ଓ ଭବିଷ୍ୟତକୁ ନେଇ ଚିନ୍ତିତ ଥାଆନ୍ତି । ଆଗକୁ କଣ ହେବ କଣ ନାହିଁ ଏହି ଚିନ୍ତାରେ ବାରମ୍ବାର ଜ୍ୟୋତିଷ ମାନଙ୍କୁ ହାତ ଦେଖେଇବାକୁ ଲାଗିଯାଆନ୍ତି । କାହାର ଧନ, ମାନ, ସ୍ୱାସ୍ଥ୍ୟ, ପ୍ରେମ ପାଇବାକୁ ଇଚ୍ଛା ଥାଏ ତ ଆଉ କିଏ ମନ୍ଦିର ଯାଇ ମାନସିକ କରି ଆସୁଥାଏ । କିନ୍ତୁ ଗୋଟେ କଥା କୁହନ୍ତୁ ବିଗତ ବର୍ଷରୁ ଆପଣ ଯଦି ଆପଣଙ୍କ ରାଶି ଦେଖି ସବୁ କାର୍ଯ୍ୟ ତୁଲାଉଛନ୍ତି ତେବେ ଆପଣ କଣ ସେଥିରେ ସଫଳ ହୋଇଥାନ୍ତି ।

ଆମ ମନ ହିଁ ଜାଣିଥାଏ ନୂଆ ପୁରୁଣାର ପାର୍ଥକ୍ୟ । କାରଣ ଏହି ମନ ହିଁ ତ ପ୍ରତ୍ୟେକ ବର୍ଷର ଅନୁଭୂତିକୁ ସାଇତି ରଖିଛି । କାରଣ ଏହି ଅନୁଭୂତି ହିଁ ମଣିଷକୁ ଉଚିତ ମାର୍ଗ ଦର୍ଶନ କରାଇଛି । ତେବେ ଏହି ନୂଆ ବର୍ଷର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ସମସ୍ତେ ଭଲରେ ରୁହନ୍ତୁ ଖୁସିରେ ରୁହନ୍ତୁ । ପ୍ରତ୍ୟେକ ପରିବାରରେ ଖୁସିର ଲହରୀ ଖେଳିଯାଉ ହସ ଖୁସିର ସଂସାର ଚଳୁଥାଉ । ନୂଆ ଆଶା, ନୂଆ ସମ୍ଭାବନାକୁ ନେଇ ନୂଆ ଆରମ୍ଭରେ ନୂଆ ସୁଯୋଗ, ନୂଆ ଚିନ୍ତାଧାରା, ନୂଆ ପ୍ରୟାସ ଜାରି ରହିଥାଉ । ଆଉ ଏହି ନୂଆ ସଂକଳ୍ପକୁ ନେଇ ପ୍ରତ୍ୟେକ ଲୋକଙ୍କର ପ୍ରତ୍ୟେକଟି ସ୍ୱପ୍ନ ପୂରଣ ହେଇଯାଉ ।

ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬

## ଧାରା ଶ୍ରାବଣ

### ସ୍ମୃତି ଦାସ

ନିଦାଘ ଶେଷେ ମେଘ ମହ୍ଲାରର
ରାଗ ଶୁଭିଲା ଚପଳା ଚମକିଲା
ମୟୁର ନାଚିଲା ଇନ୍ଦ୍ରଧନୁ ରଙ୍ଗ ବୁଣିଲା
ଧାରା ଶ୍ରାବଣର ଧାରା ଛୁଟିଲା
ବଂଶୀ ର ସ୍ୱନେ ରାଇ କୁଞ୍ଜ ବନେ
ସଖୀ ସଙ୍ଗେ ତନୁମନ ଭିଜାଇଲା
ପଲ୍ଲବିତ ବୃକ୍ଷେ ପୁଷ୍ପ ପ୍ରସ୍ଫୁଟିଲା
ବାସ ଚହଟିଲା ମଧୁପର ମଧୁଗୁଂଜନ ଶୁଭିଲା
ତଥାପି ସନ୍ତାପିତ ପ୍ରାଣ ଆର୍ଦ୍ର ନୋହିଲା
ତଥାପି ତୃଷ୍ଣା ନ ମେଣ୍ଟିଲା
ଗୋଲାପି ଅଧରୁ ବୀଣାଜିଣା
ବାଣୀ ତବ ନ ସ୍ଫୁରିଲା
ଖାଲି କାନ୍ଦିବୁ ନାହିଁ ର ସ୍ୱର ଗୁଞ୍ଜରିଲା
ବିଦଗ୍ଧିତ ଆତ୍ମା ବିଳପି ଉଠିଲା
ତବବିହୁନେ ଏ ଅବୁଝା ମନ
ମୃଗତୃଷ୍ଣା ମରିଚିକା ପଛେ ଧାଇଁଲା
ତଥାପି ତୃଷ୍ଣା , ମୃଗ ତୃଷ୍ଣା ମହ ମହ ବାସ୍ନା
ଏ ଜୀବର ମନ ମୋହିଲା
କାୟା କଳ୍ପବଟେ ବିଷାଦର ଲଟା
କାଳିକାର ରୂପ ନେଲା
ତମେ ପରା ଆଦି ଓଁକାର,ତମେ ନାଦ
ତମେ ବ୍ରହ୍ମ, ତମେ ବଂଶୀର ସ୍ୱନ



ତମେ ବାଙ୍କ ଚୂଳିଆ ଆଙ୍ଗୁଠି ଟେକିଣ ଗିରି
ଗିରି ଗୋବର୍ଦ୍ଧନ ସାଜିଲ
ରକ୍ଷା କରିଲ ଇନ୍ଦ୍ରଙ୍କ କୋପରୁ
ଧାରା ଶ୍ରାବଣର ବାରି ଧାରାରୁ !!

## ବିଦାୟ ତେଇଶି

### ରୋହିତ ସେଠୀ

ମାନସ ପଟ୍ଟର ଅତଳ ଗହ୍ୱରେ
ସ୍ମୃତି ଅନୁଭୂତି ଥୋଇ
ଅଳପ ଆନନ୍ଦ ଅଜସ୍ର ଲୁହରେ
କେତେ ଦେଇଛ ଭିଜେଇ,
କେମିତି ଭୁଲିବି ମୁହିଁ...
ବିଦାୟ ଦେଉଛି ତେଇଶି ତୁମକୁ
ଶେଷ ଫୁଲତୋଡ଼ା ଦେଇ ।
ନିରାଶା ସାଗରେ କେତେ ଯେ
ଭାସିଛି
କାଣିଚାଏ ଆଶା ନେଇ
ନୟନ ଆକାଶୁ ଝରିଥିବା ଲୁହ
ଏ ଓଠ ଯାଇଛି ପିଇ,
ଯନ୍ତ୍ରଣା ଶେଯରେ ଶୋଇ....
ତଥାପି ବଞ୍ଚିଛି ବିଚରା ଜୀବନ
ଜିତିବାର ସ୍ୱପ୍ନ ନେଇ ।
ହତୋତ୍ସାହ ବହ୍ନି ମନ ଇଲାକାକୁ
ଜାଳିଛି ଅନେକ ବାର
ଅସହାୟ ପଣେ ଏଇ ହୃଦୟଟା
ଭଗ୍ନ ଆଉ ଛାରଖାର,
ସହି ନିଷ୍ଠୁର ପ୍ରହାର...
ରୋକିବାକୁ କେବେ ପ୍ରୟାସ କରିନି
ହୃଦ ସ୍ପନ୍ଦନକୁ ତା'ର ।
ହେ ବର୍ଷ ତେଇଶି ! ତୁମ ସ୍ମୃତି କେବେ
ମନରୁ ଲିଭିବ ନାହିଁ
ବିଦାୟ ଦେଉଛି ଅନ୍ତିମ ବେଳାରେ
ବିଦାୟ ଗୀତିକା ଗାଇ,
ନୂଆ ସମ୍ଭାବନା ଦେଇ...
ଯିବା ସମୟରେ ସଭିଙ୍କ ମନରୁ
ବିଷାଦକୁ ଯାଅ ନେଇ ।

+ଖଜୁରୀପଡ଼ା,କନ୍ଧମାଳ
ମୋ: ୭୭୩୫୨୧୪୩୭୯

## ହେ ନୂଆ ବରଷ: ଦିଅ ଆତ୍ମାନୁଚିନ୍ତନ

### ପ୍ରଦୋଷ କୁମାର ଦାସ

ହେ ନୂଆ ବରଷ !
ତୁମକୁ କରୁଛି ସ୍ୱାଗତ,
ନିଅ ଆମର ଅଶେଷ ଅଭିନନ୍ଦନ ।
ରୂପରେ, ବେଶରେ
ନଥାଏ ଅବଶ୍ୟ
ତୁମରି ସ୍ଥୁଳ ଦରଶନ ।
ହେଲେ ତୁମେ ଲାଗ ଭାରି ଆତ୍ମୀୟସ୍ୱଜନ
ପ୍ରତିଟି ସମୟ ଅବଧିର
ତୁମେ ଅଟ
ଆମ ଜୀବନଯାତ୍ରାର
ଏକ ଏକ ସୋପାନ ।
ସ୍ମୃତି ର ସମାହାର ତୁମେ
ଧରି ବରଷକ ଜୀବନ ।
ସମୟର ତାଳ ଦେଇ
ଦିଅ ଦିଗଦର୍ଶନ ।
ଯେଣୁ ସାଥି ତୁମେ ,
ଆମ ସଭିଙ୍କର ବର୍ତ୍ତମାନ ।
ତୁମକୁ ଏଡେଇ ଚାଲିବା
ନୁହେଁ କେବେ ସମିଚୀନ ।
ତୁମେ ସାକ୍ଷୀ, ତୁମେ ସାଥୀ,ସହଚର
ଇତିହାସ ରଚ ଆମ,
ପ୍ରତି ସମୟର ।
ନଥାଇ ତୁମର
ରୂପ ବେଶ ଓ ଶୃଙ୍ଗାର,
ତୁମେ କ୍ଷୀର ସହ ନୀର ପରି
ଥାଅ ଏକାକାର ଆମର ।
ତାରିଖ ବଦଳେ,
ବିତିଯାଏ ଦିନ ପରେ ଦିନ ।
ଦିନଚର୍ଯ୍ୟା ଚାଲିଥାଏ
ଦୁଃଖ ସହ ସୁଖ ଧରି
ପ୍ରତିଦିନ ତୁମ ସହ ଆମର ।
ଅଠାକାଠି ପରି ଲାଗିଥାଅ
ସବୁରିଙ୍କ ଜୀବନ ଓ କରମର ।
ତୁମେ ଏକା ମୂକସାକ୍ଷୀ,
ସବୁ ଇତିହାସର ଅଟ ସହଚର ।
ଜୀବନ ମୃତ୍ୟୁ, ରାତି ଆଉ ଦିନ
ସବୁଥିରେ ତୁମେ ଅଟ ନିର୍ବିକାର।।
ହେ ନୂଆ ବରଷ !
ତୁମ ବାରମାସ, ପ୍ରତିଦିନ
ସୁଖଦ ହେଉ ଧରି ପ୍ରତିଟି ଜୀବନ ।
ଜୀବନର ପ୍ରତିଟି ସୋପାନ
ପାଇଥାଉ ଆତ୍ମିକ ଦିଗଦର୍ଶନ ।
ଦିଗବାରେଣୀ ସାଜୁଥାଉ
ମାନବିକତାର ଆତ୍ମାନୁଚିନ୍ତନ ।
ତୁମ ଆଗମନ
ଭରିଦେଉ ପ୍ରତି ପ୍ରାଣେ
କର୍ମମୟ ଜୀବନ ।
ସ୍ମୃତିମୟ ହେଉଥାଉ
ଆମପାଇଁ ଆମର ପ୍ରିୟ
ସବୁରି ଜୀବନ ।

ସ୍ତମ୍ଭକାର, ନାଟୁଣୀ,
ଖୋର୍ଦ୍ଧା -୭୫୨୦୩୪




## ନୂଆ ବରଷ

### ଆଚାର୍ଯ୍ୟ କ୍ଷିତୀଶ ଜେନା

ନୂଆ ବରଷରେ ମଜା କରିବା
ନୂଆ ପିନ୍ଧି ନୂଆ ସ୍ଥାନ ବୁଲିବା ।
ଖିରି ପୁରି ମାଆ ଦେବେ ପରଶି
ଆଦରେ ଖାଇବା ଏକାଠି ବସି ।
ନୂଆ ବରଷକୁ ଅପେକ୍ଷା କରୁ
ନାଚି ଗାଇ ତାକୁ ସ୍ୱାଗତ କରୁ ।
ବନ୍ଧୁ ସାଙ୍ଗସାଥୀ ଆତ୍ମୀୟ ଜନ
ଜଣାଉ ସଭିଙ୍କୁ ଅଭିନନ୍ଦନ ।
ଶୁଭେଚ୍ଛାର ବାର୍ତ୍ତା ଦେଉରେ ଲେଖି
ଭଲ ଲାଗେ ସଜ୍ଜା ତୋରଣ ଦେଖି ।
ନୂଆ ବରଷେ ଯେ ଖୁସିରେ ରହେ
ବର୍ଷ ସାରା ତା'ର ଭଲରେ ଯାଏ ।
କାଲି ଯିଏ ନୂଆ ଆଜି ପୁରୁଣା
ପୁରୁଣା ବର୍ଷକୁ ଭୁଲି ହୁଏନା ।

କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ-୭୮୭୩୫୧୦୦୨୭

## ଅଭିଳାଷା ନୂଆବର୍ଷରେ

### ରତ୍ନକାନ୍ତି ମିଶ୍ର

ଆଜି ହେଲେ ଘନିଷ୍ଠ ବନ୍ଧୁଙ୍କୁ
ପ୍ରତୀକ୍ଷା କରାଯାଉ
ଆତ୍ମୀୟତାର ସତ୍ତା ଖୋଜାଯାଉ
ତୁମେ ହତାଶାରେ
ଭିଜୁଥିବା ବେଳେ
କାଳେ ସେ ପିନ୍ଧେଇଦେବ
ଭରସାର ନିର୍ମୋକଟିଏ
ଆଜିର ଖବରକାଗଜୁ ନପଢି
ଫୋପଡା ଯାଉ
କାଳେ ଆସନ୍ତାକାଲିର ଖବରରେ
ଆଦୌ ଦୃଷ୍ଟିଗୋଚର ହେବନି
ହତ୍ୟା, ଧର୍ଷଣ,
ଚୋରି, ବଧୂ ନିର୍ଯାତନା
ଅବା ଦୁର୍ଘଟଣାର
ଶିରୋନାମାଟିଏଧୂସର ଇଲାକାରେ
ହା ହୁତାଶରେ ବଞ୍ଚୁଥିବା
ବର୍ଣ୍ଣିଳ ସ୍ୱପ୍ନଟିଏ ଦେଖାଯାଉ
ଏତିକି ହିଁ ଆଶା ନେଇ
କାଳେ ଅଙ୍କୁରିତ ହେବ ସେଠି
ନୂତନ କିଶଳୟଟିଏ
ବିଛାଇ ହୋଇ ପଡିଥିବା
ଅସଜଡା ଶବ୍ଦ ସବୁକୁ
ସାଇତି ରଖାଯାଉ
କେଉଁ ନିରୋଳା ମୁହୂର୍ତ୍ତରେ
ଉତୁରି ଉଠିବ କାଳେ
ତାତ୍ତ୍ୱିକ କବିତାଟିଏ ।
ଦିନାନ୍ତ ସୂର୍ଯ୍ୟକୁ
ବିଦାୟ ଦିଆଯାଉ
ନିର୍ବାକ ନିଶୀଥର ବନ୍ଧନ କାଟି
କାଳେ ଦିଗନ୍ତ ସେପଟୁ
ନୂଆ ସକାଳରେ ଉଇଁବ
ସ୍ୱର୍ଣ୍ଣିମ ସୂର୍ଯ୍ୟୋଦୟଟିଏ ।

+ଆଳି, କେନ୍ଦ୍ରାପଡା




## ଆସ ନୂଆବର୍ଷ

### ଆଦ୍ୟାଶା ମହାପାତ୍ର

ଆଶା ଭରସାର ପ୍ରତୀକଟେ ସାଜି
ନୂଆବର୍ଷ ତୁମେ ଆସ
ପ୍ରୀତିମୟ ହେଉ ଏ ସାରା ସଂସାର
ପ୍ରତି ଓଠେ ଫୁଟୁ ହସ ।
ପୋଛି ହୋଇଯାଉ ଗ୍ଲାନି ଅବସାଦ
ଦୁଃଖ ନୈରାଶ୍ୟର ଧୂଳି
ମନ କାନଭାସେ ରଙ୍ଗ
ବର୍ଣ୍ଣାଳୀରେ
ଖୁସି ଚିତ୍ର ଉଠୁ ଝଳି ।
ଯେତେ ରାଗ ରୋଷ
ବିଗତ ବର୍ଷର
ହୋଇଯାଉ ଏବେ ଅନ୍ତ
ମାନ ଅଭିମାନ କ୍ରୋଧ ସ୍ୱାଭିମାନ
ଅନ୍ତରୁ ବି ହେଉ ରିକ୍ତ ।
ଆଶା ଭରସାର ଅଙ୍ଗୀକାର ନେଇ
ସମ୍ପର୍କ ସୁଦୃଢ ହେଉ
ଦିବ୍ୟ ଭାବନାରେ ପ୍ରତିଟି ହୃଦୟ
ଶାଶ୍ୱତ ପବିତ୍ର ରହୁ ।
ହେ ନୂଆ ବରଷ ପଦପାତ କର
ମଧୁମୟ ହେଉ ଧରା
ତୁମ ଆଗମନେ ଅୟୁତ ସପନ,
ସଂକଳ୍ପ ବି ହେଉ ପୂରା ।
ପ୍ରତିଟି ପ୍ରାଣରେ ସଞ୍ଚରିତ ହେଉ
ନୂଆ ଆଶା ଉଦ୍ଦୀପନା
ପୁଲକିତ ହେଉ ପ୍ରତିଟି ଜୀବନ
ଭରିଯାଉ ଉନ୍ମାଦନା ।
ଆସ ନୂଆବର୍ଷ ସ୍ୱର୍ଣ୍ଣାଭ କିରଣେ
ଧରା ହେଉ ମୁଖରିତ
ପ୍ରଭୁଙ୍କ କରୁଣା ତିଳେ ନହୁ ଊଣା
ବିଶ୍ୱ ଖୁସି ହେଉ ପ୍ରାପ୍ତ ।

+ନୂଆପଡା, କଟକ

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପରାମର୍ଶ ଓ ପ୍ରତ୍ୟାଶା...

ଏଇ ମାତ୍ର କିଛି ଦିନ ପୂର୍ବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅଶାନ୍ତ ଅଞ୍ଚଳ ଜାମ୍ମୁ ଏବଂ କାଶ୍ମୀରରେ ଅବସ୍ଥାପିତ ଭାରତୀୟ ସେନାବାହିନୀକୁ ପରାମର୍ଶଟିଏ ପ୍ରଦାନ କରିଛନ୍ତି ସେହି ରାଜ୍ୟର ଲୋକମାନଙ୍କ ' ମନ ଜିଣିବାକୁ, ଏବଂ 'ସେହିସବୁ ଭୁଲ୍‌ର ପୁନରାବୃତ୍ତି ନ କରିବାକୁ' ଯାହା ହୁଏତ କୌଣସି ଦେଶବାସୀଙ୍କ ମନକୁ ଆଘାତ ପ୍ରଦାନ କରିପାରେ । ଏଥିରେ ଦ୍ୱିମତ ଥାଇ ନପାରେ ଯେ ଏହା ଏକ ଅତ୍ୟନ୍ତ ପ୍ରଶଂସନୀୟ କଥା, କାରଣ ପ୍ରତିରକ୍ଷା ବଳର ଉପର ସ୍ତରରେ ଯେଉଁମାନେ କାର୍ଯ୍ୟ କରନ୍ତି, ସେମାନେ ସାଧାରଣତଃ ଯେଉଁଭଳି ଢଙ୍ଗରେ କଥା କହିଥାନ୍ତି, ଏହା ତହିଁରେ ପରିବର୍ତ୍ତନ ଘଟିଥିବାକୁ ସୂଚାଉଛି, ଯାହା ଅବଶ୍ୟ ସ୍ୱାଗତଯୋଗ୍ୟ । ଶ୍ରୀଯୁକ୍ତ ସିଂହଙ୍କର ଏପରି ମନ୍ତବ୍ୟ ସ୍ପଷ୍ଟ ଭାବରେ ସେହି ଅତ୍ୟନ୍ତ ନିନ୍ଦନୀୟ ଘଟଣା ପରିପ୍ରେକ୍ଷୀରେ ଆସିଛି, ଯେଉଁ ଘଟଣାଟି ଗତ ସପ୍ତାହରେ ଘଟିଥିବାର ଅଭିଯୋଗ ହୋଇଥିଲା ଯେ ପୁଞ୍ଚ ଜିଲ୍ଲାର ଏକ ସୀମାନ୍ତବର୍ତ୍ତୀ ଗ୍ରାମର ତିନିଜଣ ଗ୍ରାମବାସୀଙ୍କୁ ଉପୀଡ଼ନ ପ୍ରଦାନ କରାଯାଇଥିଲା, ଯେଉଁଥିରେ ସେମାନେ ମୃତ୍ୟୁବରଣ କରିଥିଲେ । ଅଭିଯୋଗ ମୁତାବକ, ଉକ୍ତ ଜିଲ୍ଲାର ଏକ ଏନ୍‌କାଉଣ୍ଟରରେ ଚାରିଜଣ ସୈନିକ ମୃତ୍ୟୁବରଣ କରିବା ପରେ ସେହି ଘଟଣାର ତଦନ୍ତ କରିବାକୁ ଯାଇ ସେନାବାହିନୀ ଗ୍ରାମର ଆଠ ଜଣ ବ୍ୟକ୍ତିଙ୍କୁ ଉଠାଇ ନେଇଥିଲା । ପରବର୍ତ୍ତୀ ସମୟରେ ସେହି ଆଠ ଜଣ ଗ୍ରାମବାସୀଙ୍କ ମଧ୍ୟରୁ ତିନି ଜଣ ମୃତ ଅବସ୍ଥାରେ ମିଳିଥିବା ବେଳେ ଆଉ ପାଞ୍ଚ ଜଣଙ୍କୁ ଅତି ଅମାନବୀୟ ଢଙ୍ଗରେ ଉପୀଡ଼ନ ଦିଆ ଯାଇଥିବା ଜଣା ପଡ଼ିଥିଲା । ଏହି ନାରକୀୟ କାଣ୍ଡର ତଦନ୍ତ କରିବା ନିମନ୍ତେ ଉଭୟ ରାଜ୍ୟ ସରକାର ଏବଂ ସେନାବାହିନୀ ଆଦେଶ ଦେଇ ସାରିଛନ୍ତି । ଶ୍ରୀଯୁକ୍ତ ସିଂହଙ୍କଦ୍ୱାରା ସେନାଙ୍କୁ ପ୍ରଦତ୍ତ ବାର୍ତ୍ତାର ମର୍ମ ଯଥେଷ୍ଟ ମାତ୍ରାରେ ଉଲ୍ଲେଖନୀୟ । ସେନା ବଳଙ୍କୁ 'ଭୁଲର ପୁନରାବୃତ୍ତି ନ କରିବାକୁ' ପରାମର୍ଶ ପ୍ରଦାନ କରିବା ବେଳେ ପ୍ରତିରକ୍ଷା ମନ୍ତ୍ରୀ ପରୋକ୍ଷରେ ସ୍ୱୀକାର କରିଛନ୍ତି ଯେ ସୀମାନ୍ତ ଗ୍ରାମରେ କାର୍ଯ୍ୟରତ ସେନାବାହିନୀର କାର୍ଯ୍ୟଶୈଳୀରେ କିଛି ନା କିଛି ଭୁଲ୍ ରହିଛି। ଏଠାରେ ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ କି ୨୦୧୭ରେ ସେନା କୋର୍ଟ ଦ୍ୱାରା ତଦନ୍ତ ଜାଣିବାକୁ ପାଇଥୁଲା ଯେ ସେନାର ଜଣେ ଅଫିସର ଜଣେ ସାଧାରଣ ଲୋକକୁ ଆର୍ମିର ଟ୍ରକ୍ରରେ ବାନ୍ଧି ଜାମ୍ମୁ ଏବଂ କାଶ୍ମୀରର ଅଶାନ୍ତ ଅଞ୍ଚଳ ଦେଇ ନେଇଥିଲେ। ବର୍ତ୍ତମାନର ଘଟଣାରେ ଯାହା ରିପୋର୍ଟ ମିଳୁଛି, ତଦନୁସାରେ ସେନାବାହିନୀ ଜଣେ ବ୍ରିଗେଡ୍ କମାଣ୍ଡର ଏବଂ ଏକ ୟୁନିଟ୍ ଜଣେ କମାଣ୍ଡିଂ ଅଫିସରଙ୍କ ସମେତ ବରିଷ୍ଠ ଅଫିସରମାନଙ୍କୁ ସେମାନଙ୍କର ପଦଚ୍ୟୁତ କରି ଏକ ସ୍ଥାନୀୟ ଆର୍ମି ୟୁନିଟ୍ରେ ଅବସ୍ଥାପିତ କରାଇଛି, ଯେତେବେଳେ କି ପୁଞ୍ଚରେ ଘଟିଥିବା ଘଟଣାର ଏହା ଏକ ନିରପେକ୍ଷ ତଦନ୍ତ ଜାରି ରଖୁଛି । ସମ୍ପ୍ରତି ପ୍ରତିରକ୍ଷା ମନ୍ତ୍ରୀ ସେନାବାହିନୀଙ୍କୁ ଉପଦେଶ ଦେଇଛନ୍ତି ଯେ ଦେଶପାଇଁ ଶତ୍ରୁମାନଙ୍କ ବିରୁଦ୍ଧରେ ଲଢ଼ି ସେମାନେ ବିଜୟ ଆଣିବା ବେଳେ, ଯାହା ବସ୍ତୁତଃ ସେମାନେ କରୁଛନ୍ତି, ସେମାନେ ମଧ୍ୟ ଦେଶର ସାଧାରଣ ନାଗରିକଙ୍କ ସହିତ ଅତି ଘନିଷ୍ଠ ଭାବରେ କାର୍ଯ୍ୟ କରିବା ଉଚିତ, ଏମିତିକି ସବୁ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ। ଏ ଉଭୟ କାର୍ଯ୍ୟ ସେମାନଙ୍କ ପାଇଁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଅତି ଯଥାର୍ଥ ଭାବରେ ସେମାନଙ୍କ ପାଇଁ ଏହା ସେମାନଙ୍କ କର୍ତ୍ତବ୍ୟର ନିର୍ଦ୍ଧାରଣ କରିଥାଏ। ତଥ୍ୟ ହେଉଛି, ସେନାବାହିନୀଙ୍କୁ ଦେଶର ଶତ୍ରୁମାନଙ୍କ ବିରୁଦ୍ଧରେ ଲଢ଼ିବାକୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ ଏବଂ ସେଥିପାଇଁ ସେମାନଙ୍କ ଦ୍ୱାରା ବଳ ପ୍ରୟୋଗ କରିବା ଆଇନଗତ ଭାବରେ ଏକ ଉପକରଣ। କିନ୍ତୁ ଯେତେବେଳେ ସେମାନଙ୍କୁ ଦେଶ ଭିତରେ ସେମାନଙ୍କ ନିଜର ଦେଶବାସୀ ଭାଇ ଭଉଣୀଙ୍କ ସହିତ ସଂଗ୍ରାମ କରିବାକୁ ପଡ଼ିବ, ସେମାନେ ବସ୍ତୁତଃ ସେହି କାର୍ଯ୍ୟ କରିବାକୁ ଭଲ ଭାବରେ ପ୍ରଶିକ୍ଷିତ ହୋଇ ନଥାନ୍ତି । ପ୍ରତିରକ୍ଷା ଏବଂ ସୁରକ୍ଷା ବିଶେଷଜ୍ଞମାନେ ଆଇନ ଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେନାବାହିନୀକୁ ମୁତୟନ କରିବାରେ ରହିଥିବା ବିପଦ ସମ୍ପର୍କରେ ଚେତାଇ ଆସିଛନ୍ତି, କିନ୍ତୁ ସରକାରମାନେ ସେନାକୁ ଏକ ବାନ୍ଧି ରଖୁବା ଭଳି ଶକ୍ତି ଭାବରେ ଦେଖୁ ଆସିଛନ୍ତି, ଯେଉଁମାନଙ୍କୁ ସେମାନେ ସେମାନଙ୍କ ନିଜ ଇଚ୍ଛା ଅନୁସାରେ କାର୍ଯ୍ୟରେ ଲଗାଇ ପାରିବେ । ସାମ୍ପ୍ରତିକ ପରିସ୍ଥିତିରେ ପ୍ରତିରକ୍ଷା ମନ୍ତ୍ରୀ ଯେଉଁ ବକ୍ତବ୍ୟ ପ୍ରଦାନ କରିଛନ୍ତି, ତାହା ଏକ କଠିନ ଅବସ୍ଥାକୁ ସୂଚାଇଛି, ଯାହା ଉଭୟ ମାନସିକ ଏବଂ ଶାରୀରିକ ଅବସ୍ଥାକୁ ଅନ୍ତର୍ଭୁକ୍ତ କରୁଛି, ଯେଉଁ ଅବସ୍ଥା ଦେଇ ସେନାବାହିନୀ କାର୍ଯ୍ୟ କରିଥାଏ । ସେନାବାହିନୀ କାର୍ଯ୍ୟ କରିବା ବେଳେ ଏକା ସାଙ୍ଗରେ ନି ଜର ମାନସିକ ଓ ଶାରୀରିକ ଶକ୍ତି ମଧ୍ୟରେ ସନ୍ତୁଳନ ରକ୍ଷା କରିବା କ୍ୱଚିତ୍ ଏକ ସହଜ ବ୍ୟାପାର। ଏଥିରେ ଦ୍ୱିରୁକ୍ତି ନାହିଁ ଯେ ଅଭିଯୋଗ ହୋଇଥବା ବିଦ୍ୟୁତିରେ ସମ୍ପୃକ୍ତ ଅଫିସରମାନଙ୍କ ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କ ଦ୍ୱାରା ପ୍ରୟୋଗ କରାଯାଇଥିବା ଶବ୍ଦ ସମୂହ ଏବଂ ସେନାର ସକ୍ରିୟ ପଦକ୍ଷେପ ନିଶ୍ଚିତ ଭାବରେ ସେନାବାହିନୀ ପ୍ରତି ଏକ ସଠିକ୍ ବାର୍ତ୍ତା ପ୍ରଦାନ କରିବ ଯେ ଏଭଳି ଘଟଣାଗୁଡ଼ିକୁ ଗୁରୁତର ଭାବରେ ଗ୍ରହଣ କରାଯିବ। ଆଉ ଏହା ପରେ ଜଣେ କେବଳ ଏତିକି ଆଶା କରି ପାରନ୍ତି ଯେ ମନ୍ତ୍ରୀଙ୍କର ଏହି ବାର୍ତ୍ତା ଯେଉଁ ଗୁରୁତ୍ୱର ପ୍ରତ୍ୟାଶା ରଖିଛି, ତାହା ସମ୍ପୃକ୍ତ ଲୋକମାନେ ସେହିଭଳି ଗୁରୁତ୍ୱର ସହିତ ଗ୍ରହଣ କରିବେ।

## ଦିନଟି ବିତିଗଲା ପରେ

**ଇଂ ସତ୍ୟନାରାୟଣ ମାଝୀ**

ଦିନଟି ରବିବାର ଥିଲା, ଘରେ ଭଲ ଭାବେ ଶାନ୍ତିରେ ବସିକି ଖାଇବ ଏବଂ ଟିକେ ଆରାମ କରିବ ବୋଲି ଭାବିଥିଲା ଚିନୁ। କାରଣ ସବୁଦିନ ଗୁଡିକ ଅଫିସ୍‌ରେ ନିଜ ଉପର ଅଫିସରର ଆଦେଶ ବ୍ୟସ୍ତତାରେ କାର୍ଯ୍ୟ କରି କରି ଦିନଯାକ ବିତିଯାଏ। ଅଫିସ୍ କାର୍ଯ୍ୟରୁ ଦିନଟେ ହେଲେବି ଦୂରେଇ ମାନସିକ ଚାପରୁ ମୁକ୍ତି ପାଇବ ବୋଲି ଚିନ୍ତା କରୁଥାଏ। ସେଇ ରବିବାର ଦିନଟିକୁ ବେଶ ମନଭରି ଗୋଡ ଉପରେ ଗୋଡ ଲଦି ଆରାମ କରିବାର ଆଶା ବାନ୍ଧିଥାଏ। ସେଥିଲାଗି ସେଦିନ ସକାଳୁ କାହାରି ଫୋନ୍ କଲ୍ ଗୁଡିକର ଆଦୌ ଉତ୍ତର ଦେଉ ନଥାଏ।

ସେଦିନ ଚିନୁ ସକାଳୁ ଉଠି ବ୍ରସ୍ ଖୋଜିଲା ଏବଂ ଦାନ୍ତ ଘଷିବାକୁ ଗଲା। ତା ସହିତ ବାକି ନିତ୍ୟକର୍ମ ସାରିଦେଲା। ଚିନୁ ନିତ୍ୟକର୍ମ ସାରି ମାଆଙ୍କୁ ଡାକି କହିଲା ଆଜି ମୋ ପାଇଁ ସାଉଥ୍ ବ୍ୟଂଜନ ପ୍ରସ୍ତୁତ କରିଥିବୁ। ତାପରେ ବାହାରି ପଡିଲା ମର୍ଣ୍ଣିଂୱାକ୍‌ରେ।ଫେରିଲା ବେଳକୁ ସକାଳୁ ମାଆ ମଧ ଚିନୁ ଲାଗି ବିରିପିଠା ବଦଳରେ ଦୋଶା ସମ୍ବର ପ୍ରସ୍ତୁତ କରିଥାଏ।ଆରାମରେ ସକାଳ ଜଳଖିଆ କରୁଥିବା ସମୟରେ ତା ସାଙ୍ଗ ଟୁବୁ ଆସିଗଲା। ମାଆକୁ ଡାକି ଟୁବୁଲାଗି ଜଳଖିଆ ଦେବାକୁ କହିଲା। ଟୁବୁ ଘରୁ ଖାଇ ଆସିଥିଲେ ମଧ ଦୋଶା ସମ୍ବର ଦେଖି ଖାଇବ ବୋଲି ମନରେ ସ୍ଥିର କଲା ଏବଂ ହାତ ଧୋଇ ବସିପଡିଲା। ଆରାମରେ ମିଶିକି ଖାଇବା ସମୟରେ ପାଖ ଗାଁରେ ଚାଲିଥିବା ଭଳି ଟୁର୍ଣ୍ଣାମେଣ୍ଟ କଥା ଆଲୋଚନା କଲା। କିନ୍ତୁ ଚିନୁ ଦିନଟିକୁ ଆରାମରେ ବିତାଇବ ବୋଲି ଟୁର୍ଣ୍ଣାମେଣ୍ଟ ଯିବାକୁ ରୋକଠୋକ୍ ମନା କରିଦେଲା। ଟୁବୁକୁ ଇଆଡୁ ସେଆଡୁ କଥା ବୁଲେଇ ସେଠାରୁ ବିଦାକଲା। ବାରମ୍ବାର କିଛି ସମୟର ଅନ୍ତରାଳେ ଫୋନ୍ କଲ୍ ଶବ୍ଦରେ ଘରସାରା ଆବାଜ୍ ହେଉଥାଏ। ଘରେ ସମସ୍ତେ ଟିକେ ମନରେ ବିରକ୍ତି ଭାବ ପ୍ରକାଶ କରୁଥିଲେ ବି କିଛି କହୁ ନଥାନ୍ତି। ଘରେ ରୋଗରେ ପୀଡିତ ବାପା ଏକୁଟିଆ ଚିନୁର ରୋଜଗାରରେ ଘର ଚଳୁଥାଏ, ତେଣୁ ତା ଅଫିସ୍ କାର୍ଯ୍ୟରେ ଆସୁଥିବ ବୋଲି ଫୋନ୍‌କଲ୍‌କୁ ଧ୍ୟାନ ଦେଉ ନଥାନ୍ତି। ମାଆ ଚିନୁକୁ କହିଲେ ଆରେ ଆଜି ତୋର ତ ଛୁଟି ଅଛି, ମୋତେ ଟିକେ ତୋ ଅଜାଆଈ ଘରକୁ ନେଇଯା' ଭଲମନ୍ଦ କଥାବାର୍ତ୍ତା ହୋଇକି ଆସିବି ବର୍ଷେ ହେଲା ଯାଇନି। ଚିନୁ ପୁଣି କଥାଟିକୁ ଏଡାଇବା ଲାଗି ମାଆକୁ ବୁଝେଇଲା। କହିଲା ମାଆ ମୋର ଏବର୍ଷର ଛୁଟି ଗୁଡିକ ମଧ୍ୟରୁ ଦୁଇ ତିନିଟା ନେବାର ବାକି ଅଛି। ଆଉଦିନେ ଛୁଟିନେଇ ଅଜାଆଈଙ୍କ ନିକଟରୁ ବୁଲେଇ ଆଣିବି। ତାର କିଛି ସମୟ ପରେ ଭଉଣୀ ଆସିଲା ଏବଂ କହିଲା, ଚିନୁଭାଇ ଟିକେ ମାର୍କେଟ୍ ନେଇଚାଲ୍ ଏଇ କିଛି ଦିନ ହେବ ଶୀତ ବଢିଲାଣି ମୋର ସୁଇଟରଟା ଛିଣ୍ଡି ଗଲାଣି ଆଉ ଗୋଟେ କିଣି ଆଣିବା। ଚିନୁ ନିଜ ପର୍ସରୁ ଦୁଇଟି ୫୦୦ ଟଙ୍କିଆ ବାହାର କରି ଭଉଣୀ ହାତକୁ ଧରାଇଦେଲା। ଆଉ କହିଲା ତୁ ମାଆ ସହିତ ଅଟୋରେ ଚାଲିଯା' ସୁଇଟର କିଣି ନେଇ ଆସିବୁ। ଆଜି ମୋର ମନଭଲ ନାହିଁ,ବାହାରକୁ ଯିବାଲାଗି ଇଚ୍ଛା ହେଉନି। ସମୟ ଘଣ୍ଟାରେ ଦିନ ୧୧ଟା ବାଜି ସାରିଥାଏ। ଚିନୁ ସକାଳୁ ବାଡି ପଟ କୂଅରେ ତାର ସବୁ ମଇଳା ଡ୍ରେସ୍ ଗୁଡିକ ଭିଜାଇ ଦେଇଥାଏ ସଫା କରିବ ବୋଲି।କିନ୍ତୁ ଇଚ୍ଛା ହେଉନ ଥାଏ ଡ୍ରେସ୍ ଗୁଡିକ ସଫା କରିବା ଲାଗି। ସେହିଭଳି ଦିନସାରାର ଅନେକ କାର୍ଯ୍ୟକୁ ସ୍ଥଗିତ ରଖି ଚାଲିଥାଏ ଚିନୁ। ମନରେ କିନ୍ତୁ ଏକ ଅଦୃଶ୍ୟ କାରଣ ଲାଗି ଏସବୁ କରୁଥାଏ ଚିନୁ। ଏସବୁ କରୁଥିବା କାରଣ କିନ୍ତୁ ଆରାମ ନୁହେଁ, ଭାରତ ଅଷ୍ଟ୍ରେଲିଆ କ୍ରିକେଟ୍ ଫାଇନାଲ୍ ମ୍ୟାଚ୍। ଚିନୁ କ୍ରିକେଟ୍ ଖେଳର ଜଣେ ଦର୍ଶକ ହିସାବରେ ନିଜକୁ ଖେଳ ସମୟ ପର୍ଯ୍ୟନ୍ତ ପ୍ରସ୍ତୁତ କରୁଥାଏ। ଫାଇନାଲ ମ୍ୟାଚ୍‌ଟିକୁ ଦେଖିବ ବୋଲି ଦିନସାରାର ଏତେସବୁ କାମକୁ ଆଡେଇ ଚାଲିଥାଏ ଚିନୁ। ଅପରାହ୍ନରେ ଖେଳ ଆରମ୍ଭ ହେଲା ଚିନୁ ଆରାମରେ ଖଟ ଉପରେ ବସି ବାରମଜା ପ୍ୟାକେଟ୍‌କୁ ସାଙ୍ଗରେ ଧରି ବସିପଡିଲା।ଖେଳ ଚାଲିଲା ପରେ ଭାରତ ପ୍ରଥମ ପର୍ଯ୍ୟାୟରେ କିନ୍ତୁ ଆଶାନୁରୂପ ରନ୍ କରିବାରେ ସକ୍ଷମ ହୋଇପାରିଲା ନାହିଁ। ଟିକେ ଚିନୁର ମନଟିକେ ଖଟା ପରିକା ଲାଗୁଥାଏ। ଯେହେତୁ ଦିନସାରାର ଏତେ ଗୁଡିଏ କାମକୁ ବାତିଲ କରି ଖେଳ ଦେଖୁଥାଏ ଆଶା ବାନ୍ଧି ରଖିଥାଏ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ। ଶେଷ ହେଲା ମ୍ୟାଚ୍ ଫଳାଫଳ ହୋଇଗଲା ଚିନୁର ଭାବନାରୁ ଓଲଟା। ଖେଳରେ ଭାରତର ପରାଜୟ ହେଲା, ଭାରିକଷ୍ଟ ହେଲା ମନରେ ଚିନୁର। ସେଦିନ ଭୋକରେ ଶୋଇପଡିଲା ଚିନୁ। ତାପରଦିନ ହୋଇଗଲା ସୋମବାର ସକାଳ, ଉଠିପଡିଲା ଚିନୁ। ଟିକେ ଥଣ୍ଡାଲାଗୁ ଥିଲେ ବି ବାକି ରଖିଥିବା କାମଗୁଡିକ ଯେତିକି ପାରିଲା ସାରିକି ଅଫିସ୍ ବାହାରିଲା ଚିନୁ। କିନ୍ତୁ ମନରେ କାମ କରିବାର ସେଇ ଉତ୍ସାହ ଆସୁ ନଥାଏ। ଦିନସାରାରେ ସାମ୍ନାରେ ଆସୁଥିବା ସବୁ କାର୍ଯ୍ୟରେ ବ୍ୟତିକ୍ରମ ହେଲେ ନିଶ୍ଚିତ ଭାବରେ ମାନସିକ ଚାପ ଏବଂ ଶରୀରର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିଯାଉଛି। ତାପରେ ଯେଉଁ କାର୍ଯ୍ୟପାଇଁ ଦିନଯାକର କାର୍ଯ୍ୟକୁ ଏଡାଇ ଥିବା ତାହା ଯଦି ସୁଫଳରେ ପରିଣତ ନ ହେଲା ମନରେ ଆହୁରି କଷ୍ଟ ଅନୁଭବ ହୋଇଥାଏ। ତାପରେ ସେହି କାର୍ଯ୍ୟକୁ କରିବାରେ ଯେଉଁ ସମୟ ନଷ୍ଟ ହେଉଛି, ତାର ପରବର୍ତ୍ତୀ କାର୍ଯ୍ୟ ଉପରେ ପ୍ରଭାବ ପଡୁଛି। ତେଣୁ ଗୋଟିଏ ସାମାନ୍ୟ ସଉକ ଲାଗି ଦୈନନ୍ଦିନ ଜୀବନର ଏତେ ଗୁଡାଏ କାର୍ଯ୍ୟରେ କାହିଁକି ବ୍ୟତିକ୍ରମ ସୃଷ୍ଟି କରିବା।


+ଏକତାଳୀ, ଯଶିପୁର,
ମୟୂରଭଞ୍ଜ
ମୋ-୯୪୩୮୫୩୭୦୧୩


## ନୂଆବର୍ଷର କଥା

**ନାରାୟଣ ଚନ୍ଦ୍ର ବିଶ୍ୱାଳ**



ପୃଥିବୀଟି ପଦାର୍ପଣ କରିବାକୁ ଯାଉଛି ଏକ ନୂଆ ବର୍ଷର ନୂଆ ଭାବନାରେ । କ୍ୟାଲେଣ୍ଡରରୁ ଶେଷ ପୃଷ୍ଠାବି ସ୍ମୃତିର ମାନଚିତ୍ରରୁ ଲିଭିଯିବ । ସତରେ ପ୍ରତିଥର ଏହି ନୂଆବର୍ଷ, ନୂଆସ୍ୱର୍ଶ, ନୂଆ ଭାବନା ଆଉ ଅନେକ କିଛି ନୂଆ କରିବାର ସ୍ୱପ୍ନ ସନ୍ଦେଶ ନେଇ ଆସିଥାଏ ନିଜର ଚିହ୍ନାଜଣା ମଣିଷଙ୍କ ପାଖକୁ । ସମ୍ପ୍ରତି ନୂଆବର୍ଷରେ ସାଧାରଣତଃ ଧୂମପାନ ବା ମଦ୍ୟପାନ କିମ୍ବା ଓଜନ କମାଇବା ଭଳି ଶପଥ ନେଉଛନ୍ତି । ତେବେ ଏହିକଥା ପଛର ଏକ କୌତୁହଳି କାହାଣୀଟି ମନେପଡ଼େ । ଏହି ଦିନରେ ବାବିଲୋନ୍‌ର ପୁରାତନ ଲୋକମାନେ ପଡ଼ିଶା ଘରୁ ଉଧାର ଆଣିଥିବା କୃଷି ଉପକରଣ ଗୁଡ଼ିକୁ ଫେରାଇବାର ଶପଥ ନେଉଥିଲେ । ତେବେ ଦେଖାଯଉଛି ଯେ ବିଶ୍ୱରେ ପାଳିତ ହେଉଥିବା ସବୁ ସାଂସ୍କୃତିକ ଓ ଧାର୍ମିକ ପର୍ବ ବା ଉତ୍ସବ ଭିତରେ ନୂଆବର୍ଷ ସବୁଠାରୁ ଲୋକପ୍ରିୟ । ତେବେ ପ୍ରାୟତଃ ସବୁ ଦେଶରେ ଜାନୁୟାରୀ ମାସର ପ୍ରଥମ ଦିନଟିକୁ ନୂଆବର୍ଷ ଭାବରେ ବେଶ୍ ଧୁମ୍‌ଧାମରେ ପାଳନ କରାଯାଉଛି । ପ୍ରତିଟି ସଭ୍ୟତା ଓ ଧର୍ମ ତଥା ଲୋକବିଶ୍ୱାସର ରିତୀନିତୀ ଅନୁଯାଇ ନିଜସ୍ୱ ବର୍ଷ ଗଣନା ରୀତି ରହିଥିବାରୁ ଅନ୍ୟଦିନରେ ମଧ୍ୟ ନୂଆବର୍ଷ ପାଳନ କରାଯାଏ । ଏହି ପରମ୍ପରାଟି କ୍ରମଶଃ ଲୋପ ପାଇବାକୁ ବସିଥିଲେ ମଧ୍ୟ ଅନେକ ସ୍ଥାନରେ ସଚେତନତା ସୃଷ୍ଟି କରାଯାଉଛି ଯାହାକି ବାସ୍ତବିକ ପ୍ରଂଶସନୀୟ ଓ ଖୁସିର ବିଷୟ ।

ତେବେ ଓଡ଼ିଆ ନୂଆ ବର୍ଷ ବିଷୁବ ସଂକ୍ରାନ୍ତୀ ବା ପଣା ସଂକ୍ରାନ୍ତୀରେ ପଡ଼ିଥାଏ। ୧୯୩୬ ସାଲରେ ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଓଡ଼ିଶା ଗଠିତ ହେଲା । ନୂଆବର୍ଷଟି ଆମେ କାହିଁକି ପାଳନ କରିଥାଉ ? ବାସ୍ତବିକ ନୂଆବର୍ଷ ପାଳନର ମୁଖ୍ୟ ଲକ୍ଷ୍ୟ ହେବାକଥା ପୁରୁଣା ବର୍ଷର ଦୁଃଖ ଓ ଲୁହକୁ ପଛରେ ପକାଇ ସ୍ୱପ୍ନ ଦେଖିବା, ଯୋଜନା କରିବା ଏକ ନୂଆ ସମ୍ଭାବନା ପାଇଁ । ଯଦି ଆମେମାନେ ଏହାକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ ନକରିବା ତେବେ ମନେ ହେବ ଯେପରି ନୂଆବର୍ଷ ମାତ୍ର ଗୋଟିଏ ଦିନ ପାଇଁ ହିଁ ଆସିଥିଲା । ତେବେ ଯାହାହେଉନା କାହିଁକି ବେପାର ବଣିଜର ପସରା ଭିତରେ କେକ୍ କଟା, ମେସଜ୍ ଦିଆନିଆ, ଫାର୍ମ ହାଉସରେ ବିଳମ୍ବିତ ପାର୍ଟି ଆଉ ସକାଳୁ ମନ୍ଦିର ଦେବାଳୟରେ ଭିଡ଼ ଜମାଇଲେ ସତରେ କ'ଣ ନୂଆବର୍ଷର ଯଥାର୍ଥତା ରହିବ । ଦେଖାଯାଉଛି ଦିନକୁ ଦିନ ମଣିଷର ପ୍ରକୃତି ବଦଳୁ ନାହିଁ । ଦିନ କିନ୍ତୁ ବଦୁଳି ଯାଉଛି । ଲୋକଚରିତ୍ର ସମ୍ପ୍ରତି ଘୋର ଅବକ୍ଷୟର ସୁଅରେ । ମଣିଷକୁ ମଦ ଯେ ପିଇବା ସମିଚିନ ନୁହେଁ ଚୋରୀ କରିବା ପାପ, ମାତୃ ସମାଜକୁ ଦୁର୍ବ୍ୟବହାର କରିବା ତ ଦୂରର କଥା ଆଡ଼ଆଖିରେ ଚାହିଁବା ମହାପାତକ । ଏକଥା ଲୋକଚରିତ୍ରକୁ ଜଣାଇବାକୁ ହେଉଛି ତା'ପୁଣି ଆଇନର ଦ୍ୱାହିରେ ଏହାଠାରୁ ଦୁଃଖଦାୟକ ବେଦନାପ୍ରଦ ପ୍ରସଙ୍ଗ ଆଉ ବା କ'ଣ ଥାଇପାରେ ।

ସମ୍ପ୍ରତି ମେଦବୃଦ୍ଧି ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । କେବଳ ନିୟମିତ କେତୋଟି ଅଭ୍ୟାସ ଜାରି ରଖିଲେ ଓଜନ ହ୍ରାସ ସମସ୍ୟା ହେବନାହିଁ । ଏହା ଆମ୍ଭେମାନେ ସମସ୍ତେ ଭଲ ଭାବରେ ଜାଣିଛେ । ତଥାପି ଫାଷ୍ଟଫୁଡ୍, ନନ୍‌ଭେଜ, ଗରିଷ୍ଠ ଖାଦ୍ୟ, ତେଲଭାଜୀ, ଯାବତୀୟ ଲାଳସାର ଶିକାର ହୋଇ ପେଟ ଭର୍ତ୍ତି କରିବାକୁ ଭୁଲୁନାହୁଁ । ବଜାରର ଦରଦାମ୍ ଯାହା ଭଲ ଭାବରେ ହେଜିଲୁଣୁ ତଥାପି ଘରର ଯାବତୀୟ ଫରମାଇସ୍ ପୂରଣ କରିବା ପାଇଁ କାହା ପାଖରେ ହାତପାତିବାକୁ ପଡୁ ବ୍ୟାଙ୍କ ଲୋନ୍ ବି ହେଉ କିମ୍ବା ଦୋନମ୍ବରୀ ପଇସାର ସାହାରାରେ କିନ୍ତୁ ଯାହାବି ହେଲେ ଜୀବନଶୈଳୀକୁ ବଦଳାଇବାକୁ ପ୍ରଚେଷ୍ଟା ଜାରି ରଖିଛୁ । ଏହାକୁ ଆମ୍ଭେମାନେ କିନ୍ତୁ ଦେହସୁଆ ଭାବରେ ନିଜ ଚିନ୍ତାଚେତନା ଭିତରେ ସ୍ଥାନ ଦେଇସାରିଲୁଣି । ସରକାରୀ ମାଲ ଦରିଆ ମେ ଡାଲ । ଏ ଧାଡ଼ିର ମର୍ମ ବୁଝାଉଛି । ଚାରିଆଡ଼ ଆଖି ପକାଇ ଦେଖୁଛେ କେଉଁଠି ସରକାରୀ, ଗୋଚର, ଅନାବାଦି ବା କୌଣସି ନିରାଶ୍ରୟ ଲୋକର ଜାଗାଟି ପଡ଼ିଛି ତାକୁ ମଠ ମନ୍ଦିର ନାମରେ ହେଉ ବା ଯେ କୌଣସି ବାଟରେ ହେଉ ଯଦି ଆମେ କବ୍‌ଜା କରିପାରିଲେ ତାହେଲେ କଚେପୁଅ ବାର । ସରକାର ଜାଗାକୁ ଜବରଦଖଲ କରି ସମାଜପତିଙ୍କ ପ୍ରିୟପାତ୍ର ହୋଇପାରିଲେ ଜାଗାଟି ଆଉ କେହି ଦଖଲ କରିବା ପାଇଁ ସାହାସ ବି କରିବେ ନାହିଁ । ଆଉ ସରକାର ଯଦି ଜବରଦଖଲ ହଟାଇବା ପାଇଁ ଆଇନର ସାହାଯ୍ୟ ନିଅନ୍ତି ତେବେ ତା'କୁ ହଟାଇବା ପାଇଁ ବି ବୁଦ୍ଧିବାଟର ତରିକା ଆମ୍ଭମାନଙ୍କୁ ବେଶ୍ ଜଣା । ଘରପାଖରେ ନୂଆ ପଡ଼ୋଶୀଟିଏ ମୁଣ୍ଡ ଗୁଞ୍ଜିବାକୁ ପହଞ୍ଚିଛନ୍ତି । ଆମର କିନ୍ତୁ ସେଥିପାଇଁ ସାହାଯ୍ୟ ତ ଦୂରର କଥା ଏପରି ଫୋପଡା ବ୍ୟବହାର ଦବା ପାଇଁ ପଛଉ ନାହିଁ ଯେ ନୂଆଲୋକଟି କ'ଣ ଯେ ଭାବୁଥିବ ତାହାପାଇଁ କ'ଣ ଚିନ୍ତା ରହୁଛି ? ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ପୂଜ୍ୟଶ୍ରୀ ଭାଇଙ୍କ ପୁଣ୍ୟ ପାବନ କ୍ଷେତ୍ର ବୌଦ୍ଧବିମଣ୍ଡିତ ହୀରକ ତ୍ରିଭୁଜର କ୍ଷେତ୍ର ଉଦୟଗିରିସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ଠାରେ ଆନ୍ତର୍ଜାତିକସ୍ତରୀୟ ଶୋଭନୀୟ ଯୁବସମାବେଶ ଓ ଛାତ୍ର ସମ୍ମିଳନୀ ଜାନୁୟାରୀ ୧ରୁ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଆମ ରାଜ୍ୟରେ ସରକାରୀ କାର୍ଯ୍ୟରତ କୁବେର ବାବୁମାନଙ୍କର ଅଭାବ ନାହିଁ

**ସୁବ୍ରତ କର**



ଆମ ରାଜ୍ୟରେ ସରକାର କହି ଚାଲିଛନ୍ତି ଆମ ରାଜ୍ୟର ମୁଖିଆ ଭ୍ରଷ୍ଟାଚାରକୁ ସହି ପାରନ୍ତି ନାହିଁ (ଜିରୋ ଟଲରେନ୍ସ) ଏବଂ ଯେକୌଣସି ସ୍ତରର ସରକାରୀ ବାବୁ ହୁଅନ୍ତୁ ବା କାହିଁକି ଧରା ପଡ଼ିଲେ ଚାକିରୀରୁ ବହିଷ୍କୃତ ହେବେ । ଏବେ ପ୍ରଶ୍ନ ଉଠୁଛି ଭିଜିଲେନ୍ସ ବିଭାଗ କେତେଜଣକୁ ଧରିବ ? କେତେ ସରକାରୀ ବାବୁଙ୍କୁ ଚାକିରୀର ଅନ୍ତର କରିବାକୁ ପଡ଼ିବ ? ସାରା ବର୍ଷରେ ଯେତେ ବାବୁମାନେ ଧରା ପଡ଼ିଛନ୍ତି ଏବଂ ଜେଲ ଯାଉଛନ୍ତି ଏହା ସମୁଦ୍ରକୁ ଶଙ୍ଖେ । ଯେ ପର୍ଯ୍ୟନ୍ତ ଯେଉଁ ବାବୁ ଜଣକ ଧରା ପଡୁ ନାହାନ୍ତି ସେ ଆରାମରେ ଭ୍ରଷ୍ଟାଚାରରେ ନିଜକୁ ଲିପ୍ତ ରଖୁଛନ୍ତି । ଡର, ଭୟ, ସମ୍ମାନକୁ ଭ୍ରୁକ୍ଷେପ ନାହିଁ । ଜେଲ ଗଲେ ପରେ ପିଲାଛୁଆର କଣ ହେବ ସେ ଚିନ୍ତା ମଧ୍ୟ ନଥାଏ । ଏବେ ଏବେ ଆଉ ଗୋଟାଏ ନୂଆ ଜିନିଷ ଦେଖିବାକୁ ମିଳୁଛି ଏବଂ ସେଇଟା ହେବା ମହିଳା ବାବୁଆଣି ମାନଙ୍କ ଭ୍ରଷ୍ଟାଚାର ସହିତ ଜଡ଼ିତ ହେବା । ସଂଖ୍ୟାରେ ପୁରୁଷ ବାବୁମାନଙ୍କଠାରୁ କମ ହୋଇପାରେ । ମୋର ଜାଣିବାରେ ପ୍ରାୟ ୯୦ ଭାଗ ସରକାରୀ ଚାକିରୀଆମାନେ ଭ୍ରଷ୍ଟାଚାରରେ ଲିପ୍ତ ଏବଂ ୧୦%ରୁ ଯେ ରହିଲେ ସେମାନେ ରାଜ୍ୟ ପ୍ରଶାସନକୁ ଚଳଉଛନ୍ତି ।

ଏବେ ଆସିବା ଏ ବର୍ଷରେ କେଉଁ କେଉଁ ପ୍ରକାରର ସରକାରୀ ବାବୁମାନେ ଭ୍ରଷ୍ଟାଚାରରେ ଲିପ୍ତ ରହି ବନ୍ଧା ହୋଇ ଜେଲରେ ଅଛନ୍ତି। ସବୁଠୁ ଆଗରେ ଅଛନ୍ତି । ନବରଙ୍ଗପୁରର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ଘର ବାହାରିଥିବା ନଗଦ ୩ କୋଟି ଟଙ୍କାର ଉର୍ଦ୍ଧ୍ୱ । ବିପଳ ସୁନା କୋଟି କୋଟି ଟଙ୍କାର ସମ୍ପତ୍ତି ଯାହା ତାଙ୍କ ପ୍ରକୃତ ଆୟଠାରୁ ୫୦% ପ୍ରତିଶତ ଅଧିକ । ଶେଷରେ ରାଜ୍ୟ ସରକାରଙ୍କ ଦୟାରୁ ତାଙ୍କ ବାଧ୍ୟତାମୂଳକ ଅବସର ଦିଆଯାଇଛି ।

ଏହାପରେ ଆୟୁର୍ବେଦ କଲେଜର (ବଲାଙ୍ଗୀର ଜିଲ୍ଲା) ଅଧକ୍ଷଙ୍କ ଘର ମିଳିଥିବା ୨୮ଟି ପ୍ଲଟ । ଏହା ତାଙ୍କ ପ୍ରକୃତ ଆୟଠାରୁ ୧୧୩ ପ୍ରତିଶତ ଅଧିକ। ଗତ ନଭେମ୍ବର ମାସରେ ଗିରଫ ହୋଇ ଜେଲ ଯାଇଛନ୍ତି ।

ଏହା ପରେ କୋଟିପତି ଡି.ଏଫ.ଓ (ରାୟଗଡ଼ା ଜିଲ୍ଲାର) ବିଜୟ କୁମାର ପରିଡ଼ା । ତାଙ୍କ ପାଖରେ ୧୭ଟି ପ୍ଲଟ, ଏକାଧିକ କୋଠା, ସୁନା ଅଳଙ୍କାର ଇତ୍ୟାଦି । ଅଗଷ୍ଟ ୨୫ରେ ଗିରଫ ହୋଇ ଜେଲ ଯାଇଛନ୍ତି ।

ଜି.ଏସ୍.ଟି ଅଧିକାରୀ (ପାରାଦୀପଠାରେ ଅବସ୍ଥାପିତ) ଚିତ୍ତରଞ୍ଜନ ମହାନ୍ତିଙ୍କଠାରୁ ସୁନା ବିସ୍କୁଟ (୧ କେ.ଜି ସୁନା) ସହିତ ପ୍ରଚୁର ସମ୍ପତ୍ତି ଠାବ କରାହୋଇଥିଲା । ସେ ଏବେ ଜେଲରେ ଅଛନ୍ତି ।

କୋଟିପତି ଖସି ଅଧିକାରୀ ଉମେଶ ଚନ୍ଦ୍ର ଜେନାଙ୍କ ଠାରୁ ୧.୬୪ କୋଟି ନଗତ ଟଙ୍କା, ୬୫ ଗ୍ରାମର ସୁନା, ୩ଟି କୋଠା, ୫ଟି ପ୍ଲଟର ହିସାବ ମିଳିଥିଲା। ତାଙ୍କର ପ୍ରକୃତ ଆୟଠାରୁ ଶତକଡ଼ା ୩୬୮ ଭାଗ ଅଧିକ । ଭୁବନେଶ୍ୱରଠାରେ ଅବସ୍ଥାପିତ ସରକାରୀ ମନ୍ତ୍ରୀ ସୁନିଲ କୁମାର ପାଢ଼ି ନିଜକୁ ଧରା ନ ଦେବାପାଇଁ ପଡ଼ୋଶୀ ଛାତକୁ ଡେଇଁ କରି ପକାଇ ଯାଇଥିଲେ । ପରେ ଧରାପଡ଼ି ଜେଲରେ ଅଛନ୍ତି ।

ଏହାଛଡ଼ା କିଏ ଚେକ ମାଧ୍ୟମରେ, ଫୋନ ପେ ମାଧ୍ୟମରେ ଏବଂ ଟଙ୍କା ପର ଘରକୁ ଆସୁଥିବା ବେଳେ ବାବୁମାନେ ଧରାପଡ଼ି ଏବଂ ଜେଲରେ ଅଛନ୍ତି ।

ଏବେ ପ୍ରଶ୍ନ ଉଠୁଛି ଏହି କିଛି ଲୋକଙ୍କ ହିସାବ ଦିଆଗଲା କିନ୍ତୁ ଏହାମାନେ ନୁହେଁ ଯେଉଁମାନେ ଧରା ପଡ଼ି ନାହାନ୍ତି ନା ରହିଛନ୍ତି ସେମାନଙ୍କ ପାଇଁ ଜନସାଧାରଣ ତରଫରୁ ଏକ ସତର୍କ ବାଣୀ ମାତ୍ର । ଭବିଷ୍ୟତରେ ଏହି ପ୍ରକାରର କାମ ନ କରନ୍ତୁ ।




### ନୂଆ ବରଷ

**ପ୍ରଦୀପ୍ତ କୁମାର ଦାସ**

ଜୀବ ଜନ୍ତୁଙ୍କର ବୁଡ଼ାଇ ବଂଶ
ଖାଇବା ଆମେତ ମାଂସ -
ନୂଆ ବରଷରେ ପିଇକି ବିୟର
ନିଜକୁ କରିବା ଧ୍ୱଂସ,
ଗୁରୁ ଗୁରୁଜନ ମାନିବାନି ଆମେ
କରିବା ମଡ଼ର୍ଣ୍ଣ ମସ୍ତି -
ଜାଣି ଜାଣି ଆମେ ନିଶାରେ ଝୁମିବା
ସାଜିବାତ ମତ୍ତ ହସ୍ତି,
ଭେରଣ୍ଡା ପରିକା ଛାଡ଼ିବାତ ରଡ଼ି
ଭୂଇଁରେ ଯିବାତ ଗଡ଼ି -
ବେଳକେ ହସିବା ବେଳକେ କାନ୍ଦିବା
ବେଳକେ ଯିବାତ ପଡ଼ି,
ଆମ ସଂସ୍କୃତିକୁ କରି ପଦାଘାତ
ପଶ୍ଚିମା ସଂସ୍କୃତି ଧରି -
ଅସୁର ପରିକା ଜୀବନ ଜୀଇଁବା
ସବୁ କୁକରମ କରି,
ଅକାଳ ମରଣ କରିବା ବରଣ
ତେଜିବା ଦୁର୍ଲ୍ଲଭ ତନୁ -
ଦେବତ୍ୱର ସବୁ ସାତ୍ତ୍ୱିକ ଭାବନା
ଭୁଲି ଯିବା ଆମେ ମନୁ,
ପଣା ସଂକରାନ୍ତି ଆମ ନୂଆବର୍ଷ
ଏକଥା ନଯିବା ଭୁଲି -
ଏହି ଦିନ ଆମେ ଅଭିନନ୍ଦନ
ଜଣାଇବା ବୁଲି ବୁଲି,
ଇଙ୍ଗିରାଜୀ ନବବରଷ ଆସୁଛି
ଫମ୍ପା ପ୍ରତିଶ୍ରୁତି ନେଇ -
ପୁରୁଣା ବରଷ ଫେରିଯିବ ଆଜି
ଅଶେଷ ଯାତନା ଦେଇ,
ତଥାପି ମୋ ମନେ ଅସରନ୍ତି ଆଶା
ଭରିକି ରହିଛି ଚାହିଁ -
ଏ ନୂଆ ବରଷ ହେଉ ଶୁଭଙ୍କର
ଜଗତ ଜନଙ୍କ ପାଇଁ ।


+ କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର,ଯାଜପୁର
ମୋ -୮୫୯୪୮୮୫୮୯୮/
୯୪୩୭୮୫୪୧୭୫


### ନୂଆ ବର୍ଷ

**କୀର୍ତ୍ତନ ସାହୁ**



ନୂଆ ବର୍ଷ
ଉତ୍ଫୁଲିତ ସକାଳର
କଅଁଳ ସୂର୍ଯ୍ୟ କିରଣରେ
ଆଙ୍କେ ମନୋରମ
ସୁନେଲି ଚିତ୍ର

ଅନୁଭବେ ଶୀତର
ନରମ ଛୁଆଁର ମଧୁରତା
ହସି ଦିଏ ଫଁ କରି
ସୋରିଷ ଫୁଲରେ
କବିତା ଲେଖେ
ମନ ମତାଣିଆ

ପଲ୍ଲୀ ଦୃଶ୍ୟକୁ ନେଇ
ଶୁଭେଚ୍ଛା ବାର୍ତ୍ତା
ଆଦାନ ପ୍ରଦାନରେ
ନିଜର ଉପସ୍ଥିତି
ଜାହିର କରି ବସେ
ପୁଣି ଆଶା ଭରଷାର

ପତ୍ର କଅଁଳେ
ଲିଭି ଯାଉଥିବା ସ୍ୱପ୍ନ
ଉଙ୍କି ମାରେ
ସମ୍ଭାବନାର ଘର ତୋଳେ
ଅଧା ଗଢା ମୂର୍ତ୍ତିକୁ
ପୂର୍ଣ୍ଣ କରିବାର ଆଶା କରେ

ନୂଆ ବର୍ଷ
ଛନ୍ଦି ଦିଏ ପ୍ରେମରେ
ଆପଣାର ଭାବରେ
ବାନ୍ଧି ଦେଇ
ସବୁ ସୁଖ ଭରା ଘର ଟିଏ

ବନେଇ ଦେବାର
ପ୍ରୟାସ କରାଏ ।


+ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୭୦୧


### ଆସରେ ଶପଥ ନେବା

**ନଳିନୀ ଦାଶ**

ଟୁନା କୁନା ମୁନା ଟୁକୁନା ବାବୁନା
ଆସରେ ଶପଥ ନେବା
ନୂଆ ବରଷରେ ମନ ହରଷରେ
କାମେ ମନ ଲଗାଇବା ।

ଦେଶ ଜାତି ପାଇଁ ଭଲ କାମ କରି
ଆଗକୁ ଆମେ ବଢିବା
ପଡିଆ ଭୂଇଁରେ ଚାରା ପୋତି ଦେଇ
ସବୁଜ ଧରା ଗଢ଼ିବା ।

ସବୁରି ମନରୁ ଦୁଃଖ ଦୂରକରି
ହସ ଖୁସି ଭରିଦେବା
ଅନାଥ ପିଲାଙ୍କ ଆଖିର ଲୁହକୁ
ଆମହାତେ ପୋଛିଦେବା ।

ଦୁଃଖୀ ଗରିବଙ୍କୁ ନିରାଶ ନକରି
ଅଭାବେ ସାହା ହୋଇବା
ବୁଢ଼ା ବୁଢ଼ୀଙ୍କର ହେବା ଆଶାବାଡି
ଓଠେ ହସ ଫୁଟାଇବା ।

ମିଳିମିଶି ଆମେ ହାତ ମେଳେଇବା
ଗାଁର ଉନ୍ନତି କରିବା
ଧନ ଅରଜନ କରି ସହଯୋଗ
ମନବୃତ୍ତି ରଖିଥିବା ।
ଅନ୍ୟାୟକୁ ରୋକି ନିଶା ମୁକ୍ତକରି
କାମେ ପରାଣ ଢାଳିବା
ପରିବେଶ ପ୍ରତି ସଚେତନ ହୋଇ
ସଫା ସୁତୁରା ରଖିବା ।

ଦେଶକୁ ସୁରକ୍ଷା କରିବା ପାଇଁକି
ସୈନିକ ଟିଏ ହୋଇବା
ଦେଶର ଉନ୍ନତି ମଙ୍ଗଳ ସାଧନେ
ସନ୍ତ୍ରାଶବାଦୀଙ୍କୁ ତଡିବା ।


+ଭିକାରିପଡା, ଶରଣକୁଳ,
ନୟାଗଡ଼
ମୋ: ୬୩୭୦୦୯୫୨୪୧


### ନବ ସୂରୁଜର ଆଭା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଶିଶିର ବୁକୁଚିରି ନବ ସୂରୁଜ
ଢାଳେ ନୂଆ ସମ୍ଭାବନା
ବିଦାୟ ନେଉଛି ପୁରୁଣା ବରଷ
ଛାଡି ସ୍ମୃତି ସଂରଚନା ।

ଧବଳ ପାଟ ପିନ୍ଧି ମଙ୍ଗଳେ ଉଷା
ପ୍ରତ୍ୟୁଷେ ହେଲା ଉଦିତ
ଭାସ୍କର ଲଇଁଭାଷେ ଧରଣୀ ବକ୍ଷେ
ଫେରି ଗଲା ଅତୀତା।

ବସୁଧା ଅଙ୍ଗନେ ବିଛାଇ ହୋଇଛି
ଭିନ୍ନ ଭିନ୍ନ ପୁଷ୍ପରାଜି
ଶୀତୋଷ୍ଣ ଆବେଗେ ବୁଣି ଦେଇ ଯାଏ
ଆଞ୍ଜୁଳାଏ ସ୍ୱପ୍ନ ମଂଜି। ।

ନବୀନ ପଲ୍ଲବେ ପଲ୍ଲବିତ ବୃକ୍ଷ
ନିଃସର୍ତ୍ତ ପ୍ରେମରେ ଧାୟି
ସୃଷ୍ଟିର ନିୟମ କ୍ରିୟା ପ୍ରକ୍ରିୟାରେ
ମଧୁମୟ ଦିଶେ ମହୀ। ।

ସ୍ମିତହାସ୍ୟ ନେଇ ମହେନ୍ଦ୍ର ମୁହୂର୍ତ୍ତ
ନବରଙ୍ଗେ ହୋଇ ଉଭା
ଜାଗ୍ରତ କରାଏ ଉଠି ଦେଖ ସର୍ବେ
ନବ ବରଷର ଆଭା ।


+ନୟାଗଡ଼
ମୋ:୯୪୩୭୬୪୨୯୪୭



# ମୁକ୍ତ ବିହଙ୍ଗ

**ବିଜୟ କୁମାର ପଣ୍ଡା**

ପଶ୍ଚିମରେ ନାଲି ସୁରୁଜ ଦୂର ପାହାଡ଼ ଆଡୁଆଳେ ଲୁଚକାଳି ଖେଳୁଥିଲେ। ଦଳବଦ୍ଧ ହୋଇ ପକ୍ଷୀ ମାନେ ଉଡ଼ି ଯାଉଥିଲେ ନିଜ ନିଜ ନୀଡ଼କୁ। ଅଗଣା ସେପାଖ ବଡ଼ ବରଗଛ ଆଡୁ ଭାସି ଆସୁଥିଲା କିଚିରି ମିଚିରି ଶବ୍ଦ।

ଠିକ୍ ସେତିକି ବେଳେ ଅଗଣାରେ ଧୂଳିରେ ବସି ହାତରେ ମୁଠାଏ ମାଟି ଧରି ଖାଇବାକୁ ଲାଗିଲେ ଅନନ୍ତ । ଆ.ଏସ୍.ସି ରେ ପଢୁଥିବା ବୁଲୁ ଛୁଟିରେ ହଷ୍ଟେଲରୁ ଫେରିଥାଏ ଘରକୁ। ଅଗଣାରେ ଏମିତି ଟହଲ ମାରୁଥିଲା ବେଳେ ନଜର ପଡିଗଲା ବାପାଙ୍କ ଉପରେ। ହତବାକ୍ ହୋଇଗଲା ସେ..

'ମା..ମା..ଦେଖିଲୁ ବାପା କାହିଁକି ମାଟି ଗୁଡ଼ା ଖାଇ ଯାଉଛନ୍ତି ?' ଡାକ ପକେଇଲା ବୁଲୁ। ମୋନା ଦୌଡ଼ି ଯାଇ ଦେଖିଲା ବେଳକୁ , ମାଟି ଗୁଡ଼ା ଖୁସୀରେ ଖାଇ ଯାଉଥାନ୍ତି ଅନନ୍ତ।

:'ଏ ସବୁ କଣ କରୁଛ..ପୁଅ ଇଞ୍ଜିନୟରିଂ ପଢ଼ିବାକୁ ରେଡ଼ି ହେଲାଣି କିନ୍ତୁ ବାପ ଦିନକୁ ଦିନ ପିଲା ହେଇ ଯାଉଛି ? ଲାଜ ଲାଗୁନି ?'

ହାତରୁ ମାଟି ସବୁ ଛଡ଼େଇ ଗର୍ ଗର୍ ହେଇ ଅନନ୍ତକୁ ଘର ଭିତରକୁ ନେଇଗଲେ ମୋନା। ଅନନ୍ତର ହାତ ମୁହଁ ଧୋଇ ଦେଇ ବସେଇ ଦେଲା ହଲ୍‌ରେ। ଟିଭିରେ ଓଡ଼ିଆ ଫିଲ୍ମଟେ ଲଗେଇ ଦେଇ କହିଲା..ହେଇ ଦେଖ ତମ ମଫସଲି ସିନେମା.. ପାଗଳ ଭଳି ନହେଇ, ମନକୁ ଟିକେ ଶାନ୍ତି କର।



ଫୋନ୍‌ରେ କଥା ହେଲାପରେ ମୋନାର ବାପା କହିଲେ 'ଶୁଣ ମା ବୟସ ହେଲେ କିଛି ଲୋକ ଏମିତି ହୁଅନ୍ତି। ମେଣ୍ଟାଲ୍ ହସ୍ପିଟାଲ୍ ନେଇ କିଛି ଦିନ ଟ୍ରିଟମେଣ୍ଟ କରେଇଲେ ସେ ଭଲ ହେଇଯିବ।

ବାପାଙ୍କ ଅବସ୍ଥା ଦେଖି ବୁଲୁ ଆଖିରୁ ଲୁହ ଆସିଯାଇଥିଲା କିନ୍ତୁ ଚୁପ୍ ରହିବାକୁ ବାଧ କାରଣ ଘରେ କେବଳ ମାଆଙ୍କ ହୁକୁମ୍ ହିଁ ଚାଲେ। ବାପାଙ୍କ ସହ କେତେ ହସଖୁସିରେ କଟିଥିଲା ତାର ପିଲାଦିନ ହେଲେ ମାତ୍ର ପଚାଶ ବର୍ଷରେ ଯେ ଏମିତି ଅବସ୍ଥା ସେକଥା ବିଶ୍ୱାସ କରି ପାରୁନଥିଲା।

କେତେ ଡ଼ାକ୍ତର ଦେଖେଇଲା ପରେ ଅନନ୍ତର ମାନସିକ ଅବସ୍ଥା କିଛି ଠିକ୍ ହେଲାନି। ଅନେକ ଦିନ ମେଡ଼ିକାଲ ଛୁଟିରେ ରହିବା ପରେ ତାଂକୁ ଭଲ୍ୟୁଣ୍ଟାରି ରିଟାୟାରର୍ମେଣ୍ଟ ନେବାକୁ ପଡ଼ିଲା। ତାଙ୍କୁ ସ୍ତ୍ରୀ ପିଲା ତଥା ଦୁନିଆ ପାଗଳ ବୋଲି ମାନି ନେଇଥିଲେ। ନିକଟ ଅତୀତରେ ଅନନ୍ତର କୌଣସି ସାଙ୍ଗ ସାଥିଙ୍କ ସଂଗେ ଆଉ ସଂପର୍କ ନଥିଲା, ଗାଁ କଥା ତ ବହୁ ଦୂରର କଥା।

ବୁଲୁର ମନେ ଅଛି କିଛି ବର୍ଷ ତଳେ ବାପାଙ୍କ ସାଙ୍ଗ ଅଜୁ ଅଙ୍କଲ୍ ତାଙ୍କ ଘରକୁ ଆସନ୍ତି। ସେମାନେ ବୁଲୁକୁ ଧରି ଗାଁକୁ ଯାଆନ୍ତି। ଗାଁ ପଡ଼ିଆରେ କ୍ରିକେଟ୍ ଖେଳିବା, ପୋଖରୀରେ ମାଛ ଧରିବା, କେବେ କେବେ ନଇରେ ଗାଧୋଇବା ଆଉ ଆମ୍ବ ତୋଟାରୁ ଆମ୍ବ ତୋଳିବା, ନୂଆ ବର୍ଷ ସମୟରେ ବଣ ଭୋଜି ଇତ୍ୟାଦି ଇତ୍ୟାଦି..ଖୁବ୍ ମଜା କରନ୍ତି ସେମାନେ। ହେଲେ, କିଛି ବର୍ଷ ହେଲା ସେ ଆଉ ଆସୁନାହାନ୍ତି କାରଣ ତାକୁ ଠିକ୍ ଜଣା ନାହିଁ।

ମାଆଙ୍କୁ ଲୁଚେଇ ବୁଲୁ ବାପାଙ୍କ ଫୋନ୍ ବାହାର୍ କଲା। ଅଜୁ ଅଙ୍କଲ୍ ନମ୍ବର୍ ଖୋଜି ଫୋନ୍ କଲା। ତାଙ୍କୁ କାନ୍ଦି କାନ୍ଦି ବାପାଙ୍କ ଅବସ୍ଥା ବିଷୟରେ ଜଣେଇଲା। ବାଲ୍ୟ ବନ୍ଧୁ ଅନନ୍ତରେ ଏମିତି ଅବସ୍ଥା ଶୁଣି ଅଜୁର ଆଖିରୁ ଲୁହ ଆସିଗଲା ।

କହିଲା 'ବାବୁରେ..ମୁଁ ତାକୁ ଗାଁ କୁ ନେଇ ଆସିବି କିଛି ଦିନ ପାଇଁ। ତାପରେ ଦେଖିବୁ ସବୁ ପୂର୍ବବତ୍ ଠିକ୍ ହେଇଯିବ। ହେଲେ..'

:'ହେଲେ..ହେଲେ କଣ ? ଗାଁକୁ ଯିବାର ଅନୁମତି କଥା ? ମୁଁ ଦେଉଛି ଅନୁମତି। ' ବୁଲୁ ଦମ୍ଭ ଧରି କହିଲା।

ଅଜୁକୁ ରାତିରେ ନିଦ ହେଲାନି। ସାଙ୍ଗ ହେଲେ ବି ଭାଇ ପରି ତାକୁ ଦେଖେ ଅନନ୍ତ। ପରଦିନ ସକଳ ନଅଟାରେ ଅଜୁ ଆସି ଭୁବେଶ୍ୱରସ୍ଥିତ ଅନନ୍ତର ଘରେ ହାଜର ହେଇଗଲା।

:'ଅଜୁ..ତମେ ହଠାତ୍ ଏଠି ? କଣ ତୁମ ସାଙ୍ଗ ତୁମକୁ ଫୋନ୍ କରିଥିଲେ ?' ମୋନା କାବା ହେଇ ଅନେଇଥିଲେ।

:'ନାହିଁ ଭାଉଜ...ସେ ଫୋନ୍ କରିବା ଭଳି ପରିସ୍ଥିତିରେ ଥିଲେ ତ ? ମୁଁ ଖାଲି ତା ସାଙ୍ଗ ନୁହଁ.. ତାର ଜଣେ ଭାଇ ବୋଲି ଜାଣ । ବୁଲୁ ଫୋନ୍ କରିଥିଲା। ମୁଁ ଅନନ୍ତକୁ ନେଇଯିବି ସପ୍ତାହେ ପାଇଁ ଗାଁକୁ। ଆଗକୁ ନୁଆ ବର୍ଷ ଅଛି, ସେ ଟିକେ ବୁଲି ଆସିବ।'

ପଛରୁ ବୁଲୁ ଆସି କହିଲା 'ହଁ ବାପା ଯିବେ ଗାଁକୁ। ଅଜୁ ଅଙ୍କଲ୍ ତୁମେ ନେଇଯାଅ, କାହାର କିଛି ଆପତ୍ତି ନାହିଁ। ଏମିତିରେ ସେ ଏଠି ଅଲୋଡ଼ା।'

କଥା କାହିଁ ମୋନାକୁ ବାଧିଲା କିନ୍ତୁ ସେ ଚୁପ୍ ରହିଲେ। ବସ୍ ଷ୍ଟାଣ୍ଡରେ ଛାଡ଼ି ଦେଇଗଲା ବୁଲୁ।

ଭୁନେଶ୍ୱରଠାରୁ ଗାଁ କୁ ଯାଇଥିବା ବସ୍ ରେ ବସିଲେ ଦୁଇସାଙ୍ଗ।

:'ଏଇ ଦେଖ ସେ ମଙ୍ଗୁ ଚା ଦୋକାନ.. ସେଠି ଆମେ ରେଗୁଲାର ଚା ପିଇଛନ୍ତି। କେତେ ଶହ ଥର ତର ହିସାବ ନାହିଁ। ସେ ପାନ ଦୋକାନ ଦେଖୁଛୁ.. କେତେ ଶହ ମିଠା ପାନ ତାଠୁଁ ଖାଇଛୁ ତର ବି ହିସାବ ନାହିଁ।' ଅଜୁ ଗୋଟି ଗୋଟି କରି ପୁରୁଣା ଦିନର ଅନେକ କଥା ମନେ ପକେଇ ଦେଉଥାଏ।

ଶେଷରେ ଗାଁ ଛକରେ ଗାଡ଼ି ଅଟକିଲା । ଗାଁ ଟୋକା ମାନେ (ପ୍ରାୟ କୋଡ଼ିଏ ହେବେ) ଆସି ସେଠାରେ ଠିଆ ହୋଇ ଥାଆନ୍ତି।

ଅଜୁକୁ ଦେଖି ସବୁ ଖୁସିରେ ନାଚି ଉଠିଲେ। କେତେଜଣ ଫୁଲ ମାଳ ଦେଇ ଅନନ୍ତକୁ ସ୍ୱାଗତ କଲେ। ତାପରେ ଢୋଲ ବଜାଇ ଗାଁ ଭିତରକୁ ନେଇଗଲେ।

ଗାଆଁରୁ ଏକମାତ୍ର ପିଲା ଅନନ୍ତ ଯିଏକି ଓ.ଏ.ଏସ୍ ପାଇ ଭୁବେଶ୍ୱରରେ ସେକ୍ରେଟରିଏଟରେ ଚାକିରୀ କରିଥିଲା ଆଉ ସେଇ ଖୁସିରେ ଗାଁ ବଡ଼ ଭୋଜି ଦେଇଥିଲା। ପ୍ରାୟ ସାତରୁ ଆଠ ଶହ ଲୋକ ଖୁବ୍ ଆନନ୍ଦରେ ଭୋଜି ଖାଇଥିଲେ। ଏଇ ଦଶ ବର୍ଷ ହେଲାଣି ସେ ଗାଁକୁ ଯାଇନି କି ଗାଁ ଲୋକେ ତାକୁ ଦେଖି ନାହାଁନ୍ତି।

ଅଜୁ ତାକୁ ଦେଖେଇ ଦେଉଥାଏ, ଏଇ ଦେଖ୍ ସେ ଆମ୍ବ ତୋଟ, ସେପଟେ ସେ ପୋଖରୀ ଯେଉଁଠି ଆମ ମାଛ ଧରୁ !

ମାନସ ପଟରେ କିଛି ଝାପ୍ସା ସ୍ମୃତି ଉଁକି ଉଠୁଥିଲା ଅନନ୍ତର। ବୋଧ ହୁଏ ଠିକ୍ ଏମିତି କିଛି ଲୋକ ତାକୁ ସ୍ୱାଗତ କରି ନେଉଥିଲେ ଅନେକ ବର୍ଷ ତଳେ ହେଲେ ସେମାନେ କିଏ ଆଉ ଏମାନେ କିଏ କିଛି ବୁଝା ପଡୁନଥିଲା ଅନନ୍ତକୁ।

ଅନନ୍ତର ଘରେ ତାର ବୁଢ଼ୀ ମା ଆଉ ବିଧବା ଭଉଣୀ, ବଡ଼ ଭାଇ ଭାଉଜ । ଦଣ୍ଡେ ଅନେଇଲେ ପୁଅକୁ ତାଙ୍କ ମାଆ। ନିସ ଦାଢ଼ି ଲମ୍ବା ଲମ୍ବା ବିରାପନ୍ ଭଳି, ଚୁଟି ଯେମିତି ଛ ମାସ ହେଲା ହାତ ମରା ଯାଇନି। ମାଆ, ଅନନ୍ତକୁ ଧରି ଭୋ ଭୋ କରି କାନ୍ଦି ପକାଇଲେ ।

ବାତ୍ସଲ୍ୟ ମମତା ଟିକକରୁ ବଞ୍ଚିତ ଥିଲା ସେ ଦୀର୍ଘ ବର୍ଷ ହେଲା। ହେଲେ ଅନନ୍ତ ସେମିତି ଚୁପ୍ ଥିଲା। ତା ପାଟିରୁ ପଦେ କଥା ବାହାରୁ ନଥିଲା। ପରଦିନ ତାକୁ ଅଜୁ ବୁଲେଇ ନେଲା ତାଙ୍କ ପିଲାବେଳ ସ୍କୁଲ୍ ଆଡ଼କୁ, ଯେଉଁଠି ଦୁହେଁ ପ୍ରଥମରୁ ସପ୍ତମ ପାଠ ପଢିଥିଲେ। ଅନନ୍ତ ସବୁ ଦେଖୁଥିଲା କିନ୍ତୁ କହୁନଥିଲା। ଦିନ କେତେଟା ବିତିଗଲା, ଅନନ୍ତ ମାଟି ଖାଇବା ବନ୍ଦ୍ କରିଦେଇଥିଲେ କିନ୍ତୁ ସାଧାରଣ ଲୋକଙ୍କ ଭଳି ବ୍ୟବହାର କରି ପାରୁ ନଥିଲେ।

ଆଗକୁ ନୁଆ ବର୍ଷ।

ଏଥର ବି ଧୁମ୍ ଧାମରେ ପାଳନ କରିବାକୁ ଯୋଜନା କଲେ ଗାଁ ପିଲାମାନେ। ଅନେକ ବର୍ଷ ଧରି ବନ୍ଦ୍ ଗାଁ ନାଟକ ପୁଣି ଥରେ ପିଲାମାନେ ମଞ୍ଚସ୍ଥ କରିବାକୁ ସ୍ଥିର କଲେ ଡିସେମ୍ବର ୩୦ ତାରିଖ ରାତିରେ ଆଉ ୩୧ ତାରିଖ ଦିନ ବିଶ୍ରାମ ନେଇ ଜାନୁଆରୀ ୧ ତାରିଖରେ ନୁଆ ବର୍ଷ ଭୋଜି କରାଯିବାର ଯୋଜନା କରାଗଲା।

ମଞ୍ଚସ୍ଥ ହେଲା ନାଟକ 'ମୁକ୍ତ ବିହଙ୍ଗ'।

ଅଜୁ ବି ନାଟକର ଅଭିନୟ କରୁଥିଲା। ଏଇ ମଞ୍ଚରେ ଉପସ୍ଥାପନା କରାଯାଉଥିବା ନାଟକ ଅନନ୍ତକୁ ତା ଜୀବନ କାହାଣୀ ଭଳି ଧିରେ ଧିରେ ଅନୁଭବ ହେଉଥିଲା । ମଞ୍ଚ ଉପରେ ଥିଲେ ତାର ମାଆ ଏବଂ ଭଉଣୀ(କୁନି)କୁ ମଧ୍ୟ ସେ ଦେଖୁଥିଲା। ସ୍କୁଲ ବେଳଠୁଁ ଚାକିରୀ ଜୀବନ ଯାଏଁ ସବୁକିଛି ତା ଆଖି ଆଗରେ ଝାପ୍ସା ଝାପ୍ସା ନାଚି ଯାଉଥିଲା।

ହଠାତ୍ ମଞ୍ଚ ଉପରକୁ ଦୌଡ଼ିଗଲା ଅନନ୍ତ..

'ମାଆ.. ମାଆ..କୁନି ..କୁନି..' । କରତାଳିରେ ଫାଟି ପଡ଼ିଲା ଆଖ ପାଖ ଅଞ୍ଚଳ। ପରଦିନ ସେ ଖୁବ୍ ଖୁସି ଥିଲେ । ଗାଁର କିଛି ଚିହ୍ନା ଘରକୁ ଯିବାକୁ ମନ ବଳେଇଲା, ଠିକ୍ ପନ୍ଦର୍ ବର୍ଷ ପୂର୍ବେ କଲେଜ୍‌ରେ ପଢୁଥିବା ବେଳେ ଯେମିତି ଅନନ୍ତ ଯାଉଥିଲା ..କିଏ ଦାଦା, କିଏ ଖୁଡ଼ି, ମାମୁ, ଯେଜେ ଆଉ ଭାଇ.. ସବୁଥିଲେ ନିଜର। ପିଲାମାନେ ଖୁବ୍ ଖୁସି ହେଲେ। ପରଦିନ ନୂଆ ବର୍ଷ ଭୋଜି ଧୁମ୍ ଧାମରେ ପାଳନ ହେଲା। ସେ ସବୁର ଖର୍ଚ୍ଚ ବହନ କଲେ ଅନନ୍ତ। ଫୋନ୍ କରି ପୁଅ ବୁଲୁକୁ ବି ଡାକିଲେ।

ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ପୁଅ ବୁଲୁକୁ ସାଥିରେ ଧରି ଆସିଲେ ମୋନା।ମୋନା ନିଜର ଭୁଲ୍ ବୁଝି ଶାଶୁଙ୍କୁ ନିଜ ପୁଅଠୁଁ ଦୂର କରିଥିବାରୁ ଭୁଲ୍ ମାଗିଲେ। ସେବେଠୁଁ ଅନନ୍ତ ମୁକ୍ତ ବିହଙ୍ଗ ପରି ଅନାୟାସରେ ଗାଁକୁ ଯାତାୟାତ କଲେ।


+ଭର୍ତ୍ତୁର,ବାଙ୍ଗାଲୋର
ମୋ: ୯୭୩୯୫୯୧୮୧୬




# ନିରୁପାୟ

**ସତ୍ୟନାରାୟଣ ପ୍ରଧାନ**

ଜୀବନସାରା ଲୋକମାନଙ୍କର ଭଲ ମନ୍ଦ ନ୍ୟାୟ ବିଚାରରେ ନିଜ ଘର ସଂସାର ଭୁଲି ଭାଙ୍ଗସାର କରୁଥିବା ମଣିଷ ମନରେ କୁକାର୍ଯ୍ୟ ଉଙ୍କି ମାରିବା କଥା କେହି ବିଶ୍ୱାସର ବାହାରେ ଥିଲା। ବିବାହ ବନ୍ଧନରେ ବାନ୍ଧି ହେବାର ଢେର୍ ବର୍ଷ ବିତିଗଲା ପରେ ମଧ ପୁନର୍ବାର ଦ୍ୱିତୀୟ ବିବାହ କରିବାକୁ ଘର ଲୋକଠାରୁ ପାଖ ଗାଁ ଗଣ୍ଡା ଲୋକ ସହଜରେ ଗ୍ରହଣ କରି ପାରୁ ନ ଥିଲେ । ଯେଉଁ ବୟସରେ ନାତି ନାତୁଣୀ ମାନଙ୍କ ସହିତ ବାକି ଆୟୁଷ ହସଖୁସିରେ କାଟିବା ପରିବର୍ତ୍ତେ କାମିନୀ କାଞ୍ଚନ ପଛରେ ମାତି ସୁନାମ ଅର୍ଜନ କରିଥିବା ଚରିତ୍ରରେ କଳଙ୍କର ଦାଗ ବୋଲି କେଉଁ ଯଶ ରଖିଲେ ବୋଲି ସମସ୍ତେ ଭାବୁଥିଲେ ।

ଘରେ ପୁଅ ବୋହୂ ବାହାଘରକୁ ଅସ୍ୱୀକାର କରି ଲୋକଲଜ୍ୟାରୁ ରକ୍ଷା ପାଇବା ପାଇଁ ଗୃହବନ୍ଦୀ ପରି କିଛି କାଟିଦେବାକୁ ବାଛି ନେଇଥିଲେ । ଗରିବ ଅଭାବି ପରିବାରରେ ଝିଅ ଜନ୍ମ କରି ଦୁଃଖ କଷ୍ଟ ପାଇବା ଅପେକ୍ଷା ବଣ ଜଙ୍ଗଲରେ ଛାଡ଼ି ଆସିବା ତା ଠାରୁ ଅନେକ ଗୁଣରେ ଭଲ ବୋଲି ଗାଁ ଲୋକ କଥାବାର୍ତ୍ତା ହେଉଥିଲେ ।

କେହି ମୁହଁ ଖୋଲି କହି ନ ପାରିଲେ ବି ତାଟି ତଳେ ଲୁଚି କରି କଥାରେ ଗୁଳି ବିନା ଶବ୍ଦରେ ବିସ୍ଫୋରଣ ହୋଇ ଚାରିଆଡକୁ ବ୍ୟାପି ଯାଇଥିଲା। ବର୍ଷରେ ଥରେ ଗାଁରେ ପାଳନ କରାଯାଉଥିବା ପର୍ବ ପର୍ବାଣୀରେ ତାଙ୍କୁଠାରୁ କୌଣସି ସାହାଯ୍ୟ ସହଯୋଗ କାମନା କରୁନଥିଲେ । ରାସ୍ତାରେ ଯିବା ଆସିବା କରୁଥିବା ଝିଅ ବୋହୂ ତାଙ୍କୁ ଦେଖିଲେ ଭୟରେ ଘର ଭିତରକୁ ଚାଲି ଯାଉଥିଲେ ।

ନବବିବାହିତା କନ୍ୟା ଘରଠାରୁ ବାହାର ଯାଏ ସବୁଠି ନିନ୍ଦା ଥଟ୍ଟା ପରିହାସର ଜ୍ୱଳନ୍ତ ଦୃଷ୍ଟାନ୍ତ ରୂପେ ଉଭା ହୋଇ ନିଜ ସ୍ୱାଭିମାନକୁ ଫେରି ପାଇବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା । ପୁଅ ବୋହୂ ତାଙ୍କୁ ଭଲ ପାଇବା ଦୂରର କଥା ଖାଲି ମାଆ ବୋଲି ଡାକିବା ବଦଳରେ କୁଣ୍ଠାବୋଧ ପ୍ରକାଶ କରି ସାବତ ମାଆ କହି ଚାକରାଣୀଠାରୁ କଦର୍ଯ୍ୟ ବ୍ୟବହାର କରିବାକୁ ପଛାଉ ନ ଥିଲେ ।

ସେ କିନ୍ତୁ ଜୀବନରେ ଥିବା ଯାଏ ପରିବାର ଉନ୍ନତି ପାଇଁ ସବୁ ଦିଗରେ ସଦା ସର୍ବଦା ଚେଷ୍ଟା କରି ପ୍ରତି ବଦଳରେ ତିରସ୍କାର ପୁରସ୍କାର ଇଛା ନ କରି ପାଉଥିଲେ । ସେ ଗୋଟେ ମାଆ ହୋଇ ନିଜ ବ୍ୟକ୍ତିଗତ ମାତୃତ୍ୱ ଲାଭ କରିବା କଥା ସବୁଦିନ ପାଇଁ ମନରୁ ଭୁଲି ପରିବାର ପାଇଁ ସବୁକିଛି ତୁଚ୍ଛ କରି ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କରି ଖୁସି ପାଇବାଟା ବୋଧେ ତା ଭାଗ୍ୟରେ ଲେଖା ନଥିଲା । ନିଜେ ଗୋଟେ ସଂଜ ସଳିତା ପରି ଜଳି ଆଲୋକ ପ୍ରଦାନ କଲା ପରେ ନିଜର ଭାବୁଥିବା ଲୋକମାନେ ଅନ୍ଧାରରେ ଛାଡି ଦେବାକୁ ବାଛି ନେଇଥିଲେ । ବାପଘର ଝାଟିମାଟି କାନ୍ଥରେ ବିତାଇ ଥିବା ମୁହୂର୍ତ୍ତର ଆନନ୍ଦ ବିଳାସ ପୂର୍ଣ୍ଣ ଭବ୍ୟ ଅଟ୍ଟାଳିକାର ରଙ୍ଗୀନ୍ ଆଲୋକମାଳା ତା ମନ ତଳେ ଲୁଚି ରହିଥିବା ଦୁଃଖ କଳା କାଳିମା ନିକଟରେ ପହଞ୍ଚି ପାରି ନ ଥିଲା ।

ସବୁଦିନ ମନସ୍ତାପ ଭିତରେ ସାବତ ମାଆ ହୋଇ ଭଲ ପାଇବାରୁ ବଞ୍ଚିତ ହୋଇ ବଞ୍ଚିବା ଅପେକ୍ଷା ଧର୍ମ ଦାଣ୍ଡରେ ଦୋଷୀ ହୋଇ ପଛେ ନିଜେ ପାଉଥିବା ଯମ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଆତ୍ମହତ୍ୟା କରିବାକୁ ମନସ୍ଥ କରିଥିଲା । ଘରେ କେହି ନଥିବା ସମୟରେ ଆତ୍ମହତ୍ୟା ଭଳି ଜଘନ୍ୟ ପାପ କଲା ବେଳେ ଛାତି ତଳେ ଲୁଚି ରହିଥିବା କୋମଳ ହୃଦୟ ଭିତରୁ କିଏ ବାରମ୍ବାର ମନା କରୁଥିଲା । ମନ ଭିତରେ ପୁଅ ବୋହୂଙ୍କ ପାଇଁ ସାଇତି ରଖିଥିବା ସ୍ନେହ ଭଲ ପାଇବା ଆଦରକୁ ଭୁଲି ସମସ୍ତଙ୍କ ପାଇଁ ପାଲଟି ଯାଇଥିବା ଅଲୋଡା ଅଖୋଜା ଅଭିଶପ୍ତ ଜୀବନକୁ ସାଙ୍ଗରେ ବୋହି ଘର ଛାଡ଼ି ଚାଲି ଯିବାକୁ ନିଷ୍ପତି ନେଇ ବାହାରି ଗଲା ବେଳେ ଶେଷ ଥର ପାଇଁ ସ୍ୱାମୀଙ୍କ ପାଦ ଧୂଳି ଟିକେ ମୁଣ୍ଡରେ ମାରି ଆଖିର ଲୁହକୁ ପୋଛି ସେଠାରୁ ଚାଲି ଯାଇଥିଲେ । ବାପା ଏ ସବୁ ଘଟଣା ଦେଖି ପୂର୍ବରୁ ବୁଝାଇ କହିଥିଲେ କହିବା ସହ ନିଜ ଛାତି ତଳେ ଲୁଚାଇ ରଖୁଥିବା ଅକୁହା କଥା କହିବାରେ ଲାଗି ପଡିଲେ ।

ମୁଁ ଥରେ ଗୋଟେ ଦୂର ଜାଗାକୁ ପୁଅଝିଅ ବାହାଘରକୁ ନେଇ ବିଚାର କରିବାକୁ ଯାଇଥିଲି। ସବା ଶେଷରେ ରାୟ ଶୁଣାଇବା ପୂର୍ବରୁ ପୁଅଟି ନିଜ ଭୁଲ୍ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିଥିଲା।

ଝିଅ ଘର ଲୋକ ପୁଅର କହିବା ଅନୁସାରେ କୋଠା ବାଡ଼ି ସମ୍ପତି ଅନ୍ୟ ଜଣଙ୍କର ଦେଖାଇ ଥିବାରୁ ଜାଣି ଶୁଣି ବିବାହ କରିବାକୁ ରାଜି ହୋଇ ନଥିଲେ। ପାଖରେ ରୁଣ୍ଡ ହୋଇଥିବା ଲୋକ ମାନଙ୍କ ଭିତରୁ କେହି ବିବାହ କରିବାକୁ ପ୍ରସ୍ତୁତ ଥିବାର ଦେଖିବାକୁ ମିଳି ନ ଥିଲା । ଝିଅର ପରିବାର ଲୋକ ମୋତେ ଅନୁରୋଧ କରି ତାକୁ ମରିବା ଆଗରୁ ବଞ୍ଚାଇ ବିବାହ କରିବାକୁ ଆକୁଳ ନୟନରେ ଚାହିଁ ରହିଥିଲେ । ସେମାନଙ୍କ ଦୁଃଖ କଷ୍ଟ ସହି ନ ପାରି ଝିଅଟିକୁ ନୂଆ ଜୀବନ ଦେବା ସହ କୂଳରେ ଲଗାଇବାକୁ ମଣିଷ ହିସାବରେ ପରମ ଧର୍ମ ବୋଲି ଭାବି ନେଇ ଥିଲି ।

ସମସ୍ତେ ତାଙ୍କର କଥା ଶୁଣିବା ପରେ ମୁଣ୍ଡ ତଳକୁ କରି ନିଜ ବାଟରେ ଚାଲି ଯାଇଥିଲେ । ପୁଅ ବୋହୂ ଲାଜରେ ମୁହଁ ତଳକୁ କରି ଅନୁତାପ ନିଆଁରେ ଜଳି ଯାଇଥିଲେ । ବିନା କୌଣସି ଘଟଣାର ସତ୍ୟତା ସମ୍ପର୍କରେ ବୁଝିବା ପାଇଁ ଚେଷ୍ଟା ନ କରି ସେମାନେ ଅନ୍ୟ ମାନଙ୍କ ଭଳି ଭୁଲ୍ ବୁଝିବାରେ ଡେରି କରି ନ ଥିଲେ । ସମୟ ଚକ୍ରରେ ଜୀବନ ଏପରି ଭାବେ ଋତୁ ପରି ବଦଳି ଯିବ ସେ କେବେ ବାସ୍ତବ କି କଳ୍ପନାରେ ଚିନ୍ତା କରି ନ ଥିଲେ ।

ବାପା ତାଙ୍କ ଜୀବନର ସୁଖ ଦୁଃଖ ଭିତରେ ଧର୍ମପତ୍ନୀଙ୍କୁ ସବୁ ସମୟରେ ଉପସ୍ଥିତ ରହି ଥିବାର ଦେଖିଥିଲେ । ସେ ତାଙ୍କର ଛାଇ ଭଳି ପାଖରେ ଠିଆ ହୋଇ ପ୍ରେରଣାର ଉତ୍ସ ପାଲଟି ଯାଇଥିବା ମଣିଷକୁ ଅଧା ବାଟରେ ଏକା ଛାଡ଼ି ମାନବିକତାର ମୂଲ୍ୟବୋଧକୁ ଜଳାଞ୍ଜଳି ନ ଦେଇ ଅପ୍ରତ୍ୟାଶିତ ଭାବେ ପଛରେ ଚାଲି ଯାଇଥିଲେ । ବାଟରେ ଗଲାବେଳେ ଯେଉଁଠି ଭଲ ପାଇବା କେବଳ ରକ୍ତ ସମ୍ପର୍କରେ ଦେଖା ଯାଏ ସେଭଳି ପରିବେଶରେ ଟଙ୍କା ଧନ ସମ୍ପତ୍ତିର ପ୍ରାଚୁର୍ଯ୍ୟ ଭିତରେ ବୁଡ଼ି ରହି ନର୍କ ସଦୃଶ ଜୀବନ ଭୋଗିବା ଅପେକ୍ଷା ସ୍ତ୍ରୀ ସହିତ ମନ ଆନନ୍ଦରେ କେଉଁ ବରଗଛ ମୂଳେ ରହି ସ୍ୱର୍ଗପୁର ମନେ କରିବା ତା ଠାରୁ ଶ୍ରେୟକର ହେବ ବୋଲି ଆପେ ଆପେ ଭାବନା ରାଜ୍ୟକୁ ଚାଲି ଆସୁଥିଲା ।

ସ୍ୱାମୀ ସ୍ତ୍ରୀ ଦୁହେଁ ପରସ୍ପରକୁ ଭେଟ କରି ଆଖିର ବହି ଯାଉଥିବା ଲୁହକୁ ପୋଛି ଆଉ ଗୋଟେ ନୂଆ ସକାଳ ନୂତନ ସମ୍ଭାବନା ଆଣି ଦେବାର ବିଶ୍ୱାସରେ ପାଖରେ ଥିବା ନଳକୂପରୁ ଦୁଇ ଅଞ୍ଜୁଳା ପାଣି ପିଇ ଖୋଲା ଆକାଶ ତଳେ ଶାନ୍ତିରେ ଶୋଇ ପଡିଲେ ।

ଦିନମାନ ପେଟକୁ ପୋଷିବା ପାଇଁ କାମ କରୁଥିବା ବେଳେ ସେମାନେ କ୍ଷୀର ବାଲାଠାରୁ ଖବରକାଗଜ ବିକାଳୀ ଯାଏ ସମସ୍ତଙ୍କୁ ଦେଖିଥିଲେ ଯାହା ବାସ୍ତବ ଜୀବନକୁ ବଞ୍ଚିବାର ସଂଘର୍ଷ ଭିତରେ ଜିଇବାର କଳାକୁ ହୃଦୟଙ୍ଗମ କରୁଥିବାର ଦେଖିବାକୁ ପାଇଥିଲେ। ରାସ୍ତା କଡ଼ରେ ଯିବା ଆସିବା କରୁଥିବା ଗାଡି ମଟରର ଥଣ୍ଡା ପବନ ଦେହରେ ବାଜି ଆଗଭଳି ଶୀତ ତାପ ନିୟନ୍ତ୍ରିତ କୋଠରୀର କୃତ୍ରିମ ବାୟୁ ଆଉ ଦରକାର ପଡୁ ନ ଥିଲା । ଅଚାନକ କେଉଁଠି ଥିଲା କେଜାଣି କଳାହାଣ୍ଡିଆ ମେଘଟା ଅସରାଏ ବର୍ଷା କରି ନିଜ ବାଟରେ ଚାଲି ଯାଇଥିଲା। ଆଗରୁ କେବେ ଜୀବନରେ ଏପରି ଭିଜି ନ ଥିବାରୁ ପାଉଥିବା ନିଆରା ଅନୁଭୂତି ଦୁଃଖ କଷ୍ଟ ଯନ୍ତ୍ରଣାରୁ ମୁକ୍ତି ଦେବା ପାଇଁ ଖୋରାକ ଯୋଗାଉଥିଲା । ଜମିଦାର ବାବୁଙ୍କର ପିଲାଟି ଦିନରୁ ଖବରକାଗଜ ପଢ଼ିବାକୁ ଭଲ ପାଉଥିବାରୁ ସେଇ ବାଟଦେଇ ଯାଉଥିବା ବିକାଳିଠାରୁ ଖବର କାଗଜ କିଣି ଗପଟିଏ ପଢ଼ିବାରେ ଲାଗି ପଡିଲେ ଯାହାର ନାଁ ନିଜ କାହାଣୀ ଭଳି ନିରୁପାୟ ଲେଖା ହୋଇଥିଲା।


+ଅଣ୍ଡିଆ, ଜେନାପୁର, ଯାଜପୁର-୭୫୫୦୨୩, ମୋ -୯୧୭୮୩୧୩୬୪



**GOVERNMENT OF ODISHA**
**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER**
**JAGATSINGHPUR IRRIGATION DIVISION**

**TENDER CALL NOTICE**
**INVITATION FOR BIDS (IFB)**

**IDENTIFICATION NO-JSD-21/2023-24**

The Superintending Engineer, Jagatsinghpur Irrigation Division on behalf of Governor of Odisha invites percentage Rate off-line Bid in sealed cover from eligible class of registered contractors for execution of civil works as detailed in the table mentioned below registered with state Government & contractors of equivalent grade / class registered with central Government / MES/ Railway to be eventually drawing agreement in P-1 contract froms of Govt. of Odisha.

| | | | |
|---|---|---|---|
| 1- | Name of work | : | Detail can be seen in the DTCN of the respective works |
| 2- | Total No. of Works | : | 223 (two hundred twenty three) |
| 3- | Estimated Cost put to Tender (Rs. In Lakhs) | : | Varies from Rs.3.80 lakhs to Rs. 4.20 lakhs. Details can be seen in the DTCN of the respective works |
| 4- | Cost of Bid Documents | : | Details can be seen in DTCN |
| | Bid Security of the estimated cost put to tender | : | Details can be seen in DTCN |
| 5- | Period of Completion | : | Details can be seen in DTCN |
| 6- | Other details as follows | : | |
| (i) | Tender Inviting Authority | : | Superintending Engineer, Jagatsinghpur Irrigation Division, Jagatsinghpur |
| (ii) | Availability of Tender Document for bidding | : | 02.01.2024 from 10.00A.M to 11.01.2024 up to 5.00 P.M |
| (iii) | Date of opening of Bid Document | : | On 12.01.2024 at 11.00 A.M in the office of the Superintending Engineer, Jagatsinghpur Irrigation Division |
| (iv) | Decision to Conduct lottery | : | If required the transparent lottery shall be conducted on 16.01.2024 at 11.00 A.M onwards in the office of the Superintending Engineer, Jagatsinghpur Irrigation Division |

Superintending Engineer
Jagatsinghpur Irrigation Division
Jagatsinghpur

# ସ୍ୱାଗତଂ ନୂଆବର୍ଷ






## ୟୁକ୍ରେନ୍-୨୦୨୩
### ପ୍ର.ଗିରିଜା ଶଂକର ଶର୍ମା



ତୁମେ ହିଂସ୍ର ଯୁଦ୍ଧଖୋର
ଶହ ଶହ ନିରୀହ ଲୋକଙ୍କ ରକ୍ତରେ
ସ୍ନାତ ତୁମ ଶରୀର ।
ୟୁକ୍ରେନ୍‌ରେ ଆଜି ବି ବୋମାର ଆତଙ୍କ
ସବୁଦିନ ଲୋଟି ପଡ଼େ ଶବ
ରାସ୍ତାଘାଟ, ସ୍କୁଲ କଲେଜ, ହସ୍ପିଟାଲ
ରଂଜିତ ହୁଏତ ରକ୍ତରେ ।
ଦୁଇହଜାର ତେଇଶ
ତୁମେ ଏକ କଳା ବର୍ଷ, ଇତିହାସ
ପୃଷ୍ଠାରେ ।

ଆଜି ଯେବେ ଅତୀତ ରୋମନ୍ଥିତ ହୁଏ
ସୁନେଲୀ ସ୍ୱପ୍ନ ସବୁ ଧୂଳିସାତ ହୁଏ
ସମୟର କ୍ରୁର ଚକତଳେ
ପେଶି ହୋଇ ଜୀବନ ଚିତ୍କାର କରେ
ସେ ବଂଚିବାକୁ ଚାହେଁ
ଦେଖିବାକୁ ଚାହେଁ ବିଭୁଦତ୍ତ ଆୟୁଷ୍ମାନ
ଏ ସୁନ୍ଦରର ପ୍ରେମିଳ ପୃଥିବୀକୁ
ତୁମେ ହିଁ ତ ଯୁଦ୍ଧଖୋର
ତା ଜୀବନର ସୁନେଲୀ ଶିଖାକୁ ।
ତୁମେ ସେଇ ଅସୁର,
ତମେ ସେଇ ଆଦିମ ଅଂଧାର ।

ଦୁଇ ହଜାର ତେଇଶ
କି ପ୍ରକାରର ସ୍ମୃତି ତୁମେ ଛାଡ଼ିଗଲେ
ଆଉ କିଛିଦିନ ପରେ
ତୁମେ ଅନ୍ତର୍ହିତ ହେବ
ସମୟ ପୃଷ୍ଠାରେ କଳଙ୍କିତ ହୋଇ
କଦାକାର ଇତିହାସ ରଚିଲ ।

ଦୁଇହଜାର ଚବିଶ, ତୁମକୁ ସ୍ୱାଗତ
ଏ ବର୍ଷ ସୁଖମୟ ହେଉ
ଯୁଦ୍ଧର ଅବସାନ ହେଉ
ଅଶାନ୍ତ ଧରିତ୍ରୀ ଶାନ୍ତ ହେଉ
ନବବର୍ଷ ଶୁଭଙ୍କର ହେଉ ।

ପାତ୍ରପଡ଼ା, ଭୁବନେଶ୍ୱର



## ନବ ବର୍ଷ
### ପ୍ରଦୀପ୍ତ ମହାନ୍ତି

ସ୍ନେହ ପ୍ରୀତି ଡୋରେ
ବନ୍ଧା ହୋଇ ସର୍ବେ
ଲଭନ୍ତୁ ସରଗ ସୁଖ
ଶାନ୍ତି ମୈତ୍ରୀ ବାଣୀ ପ୍ରଚାରିତ ହେଉ
ଘୁଞ୍ଚି ଯାଉ ସବୁ ଦୁଃଖ ।

ଅତୀତ ବର୍ଷର ସୁଖ ଦୁଃଖ ପରେ
ଉପଗତ ନବ ବର୍ଷ
ସବୁରି ଉପରେ ଝରିପଡୁ ଏବେ
ଶ୍ରୀ ଜଗନ୍ନାଥଙ୍କ ଆଶିଷ ।

ସମ୍ପାଦକ ରଙ୍ଗରାଗ
ବାସୁଦେବପୁର ଭଦ୍ରକ
ମୋ:୯୯୩୭୯୭୬୩୫୧

## ଆସିଲା ନୂଆ ବରଷ
### ଦେବେନ୍ଦ୍ରନାଥ ଶତପଥୀ

ନୂଆ ବରଷରେ ନୂଆ ବରଷ
ଆ' ତୁରେ ହସି ହସି
ଆମେ ନୂଆ ବର୍ଷ ସ୍ୱାଗତ କରି
ଚାହିଁଚୁରେ ହୋଇ ଖୁସି
ଥିରି ଥିରି ଥିରି ଧୀର ପବନ
ଛୁଇଁଚିତ ଦେହମନ
ଶିତୁଆ ସକାଳ ରହିଚି ଚାହିଁ
କରିବାକୁ ଦରଶନ
ଆସିଛି ଆଜିଏ ଶୁଭ ଲଗନ
ମାଟି ତ ଉଠଇ ନାଚି
ପାହାଡ଼ ଝରଣା ବଣ ଜଙ୍ଗଲ
ଫୁଲ ତ ଦିଅଇ ବିଞ୍ଚି
ରଖିଛୁ ଆମେରେ ସଜାଇ ପରେ
ଫୁଲ ତୋଡ଼ା କେତେ ସତେ,
ବାଜା ବାଣ ପୁଣି ଭୋଜି ଭାତରେ
ଡାକି ଆଣିବୁରେ ତୋତେ
ଦାଣ୍ଡ ଅଗଣା ଫୁଲର ବଗିଚା
ଗାଉଛିରେ କେତେ ଗୀତ
ସେ ଗୀତର ସୁରେ ନାଚଇ ମନ
ତୁ ପରା ଆମର ମିତ
ନୂଆ ବରଷକୁ ମନର ମିଳନ
ହୃଦୟରେ ନେଇ ରଖ
ଜଗନ୍ନାଥଙ୍କୁ ମୁଁ ଭଲରେ ଡାକୁଛି
ପୁରଣ ହୋଇବ ଇଚ୍ଛା
ପାଚିଲା ଧାନ ବିଲରେ ଦିଶେ
ଲକ୍ଷ୍ମୀଙ୍କର ପାଦଚିହ୍ନ
ହେ ନୂଆ ବରଷ ଦେରେ ଆଶିଷ
ସୁଖେ ବିତି ଯାଉ ଦିନ
ତୋ ହାତଛୁଆଁରେ ପରାଣ ଆମ
ଭରି ଯାଉ ସୁଖ ଶାନ୍ତି
ହସି ଉଠୁ ଧରା ପବନ ଖେଳୁ
ପୀରତିର ଭାବନୀତି
ଏ ଜୀବନ ତୁମ ଚରଣେ ପୂଜା
ଅଜାଡ଼ି ଦେଉଛି ଫୁଲ
ଦୁଇ ହଜାର ଚବିଶ ମସିହା
ନୂଆ କ୍ୟାଲେଣ୍ଡର ଖୋଲ ।

+ ମନସ୍ୱିନୀ ମନ୍ଦିର
ସୁନହଟ, ବାଲେଶ୍ୱର
ମୋ: ୯୯୫୧୦୬୮୧୫୬

## ବିଜୟ
### ଦୀନବନ୍ଧୁ ପୋଇ



ନୂଆ ବରଷରେ ଆସ ହରଷରେ
ଘରେ ହେଉ ଅବା ବାହାରେ ସେ ହେଉ
ସଭିଏଁ ତ ଆପଣାର
ରାଗ ଈର୍ଷା ନେଇ ନିଜ ସ୍ୱାର୍ଥ ପାଇଁ
ଭାବୁଛେ ତାଙ୍କୁ ଯେ ପର ।
ଛାଡ଼ିଦେଲେ ଈର୍ଷା ଲୋଭ ଅହଙ୍କାର
ପୁଣି ହୋଇବେ ନିଜର
ଭିତରୁ ଟିକିଏ ନିରେଖି ଦେଖିଲେ
ଧରା ଏକ ପରିବାର ।
ଦେଖି ଦେଇ କିଏ ହସି ଦେଲେ ସିଏ
କ୍ଷଣେ ଦୂର ହୁଏ ଦୁଃଖ
ମୁହୂର୍ତ୍ତେ ହେଲେ ବି ଆପଣାର ହୋଇ
ଦିଏ ମନେ ଟିକେ ସୁଖ ।
ଜୀବ ଜଗତର ପ୍ରତି ପ୍ରାଣୀ ହିତ
କରନ୍ତି ଆମରି ପାଇଁ
ପ୍ରତ୍ୟକ୍ଷ ପରୋକ୍ଷେ ଆମପାଇଁ କେତେ
ଦେଇଛନ୍ତି ସେଇ ସାଇଁ ।
ମୂଷା ,କାଉ, ଆଉ . କୁକୁର,ବିଲେଇ
ବାଘ, ଚିଲ ,ପାରା ଯେତେ
ତାଙ୍କ ପାଇଁ ଆମ ମଣିଷ ସମାଜ
ପାଉ ଉପକାର କେତେ ।
ଶତ୍ରୁକୁ ଚିହ୍ନିକି ସୈନିକ ପରିକା
ଯୁଦ୍ଧ କରଇ ଯେ ଚିଲ
ଦୂର ରାଇଜକୁ ପାରା ଚିଠି ନେଇ
ପହଞ୍ଚାଇ ପାରେ ଭଲ ।
ମଣିଷ ଜାତିଟା କରି ନାନା କର୍ମ
କରେ ବହୁ ଉପକାର
ଖାଦ୍ୟ ବାସଗୃହ ସେବା କାର୍ଯ୍ୟପାଇଁ
ଯୋଗାଏ ଯା, ଦରକାର ।
ଯାହାତ ଗଲାଣି ଅତୀତ ହେଲାଣି
ତାକୁ ନ ଭାବି ମନରେ
ନୂଆ ବରଷ ର ଆସ ହରଷରେ
ବୁଲି ମୋ ଘରକୁ ଥରେ ।

ଗୋରଡ଼ା ପାଳ, କରମୂଳ
ମହିମା ଗାଦି, ଢେଙ୍କାନାଳ
ମୋ:୯୯୩୮୮୦ ୨୪ ୧୨



## ନବ ବର୍ଷ
### ତାନଶ୍ରୀ ପାଣିଗ୍ରାହୀ

ଶୀତ ସକାଳର ପକ୍ଷୀ କାକଳୀରେ
ନବବର୍ଷ ତୁମେ ଆସ...
ମୃଦୁ ସମୀରଣ କରଇ ସ୍ୱାଗତ
ଦିଅ ତୁମ ଶୁଭାଶିଷ...

ଶିଶିର ବିନ୍ଦୁର କଅଁଳ ଘାସରେ
ଘେନି ନୂଆ ଉପହାର...
ସାରା ବରଷଟା ଫୁଲ ବରଷିବ
ଝରିବ ଅମୃତ ଧାର...

ବିଗତ ଦିନର ରାଗ, ରୁଷା, ମାନ
ଭୁଲ ଅବା ହେଉ ଭ୍ରାନ୍ତି...
ପ୍ରତି ହୃଦୟରେ ଗାଇଦେବ ତୁମେ
ଅମର ପ୍ରେମର ଗୀତି...

ଶୀତ ସର ସର ପଉଷ ସକାଳ
ଗାଏ ଯେ ତୁମ ବନ୍ଦନା...
ନବ ଚେତନାର ଆନନ୍ଦ ଉଲ୍ଲାସେ
ତୁମେ ନୂଆ ସମ୍ଭାବନା...

ତୁମ ଆଗମନେ ସବୁରି ହୃଦୟେ
ଆସୁ ସୁଖ-ଶାନ୍ତି -ପ୍ରୀତି...
ହେ ନୂଆ ବରଷ ପ୍ରତିଟି ସକାଳେ
ଆଣିଦିଅ ମିଠା ସ୍ମୃତି ।

+ ଆଚାର୍ଯ୍ୟା,ସରସ୍ୱତୀ ଶିଶୁମନ୍ଦିର
ବାଲିଆ, ବାଲେଶ୍ୱର

## ଝିଅ ଓ ବର୍ଷା
### ଡ.ମମତା ସାହୁ



ସବୁଥର ମୋତେ ନେଇ ଯୁଦ୍ଧ
ତୋତେ ନେଇ କବିତା
ମୋ ପ୍ରେମରେ କଳଙ୍କ
ତୋ ପ୍ରେମରେ ନିବିଡ଼ତା
ଯେତେ ବାଦ ଯେତେ ବିବାଦ
ଯେତେ ଈର୍ଷା ସେତେ ହାଣକାଟ
ଯେତେ ରୀତି ସେତେ ରାଜନୀତି
ସବୁ ମୋ ପାଇଁ..
ତୋ ପାଇଁ ମୁକୁଳା ନାଚ
ଫୁଙ୍ଗୁଳା ଗୀତ
ମୋ ଗୋଡରେ ବେଡି
ତୋ ପାଇଁ ଧନ ! ଜୀବନ ତ, ମନଇଛା ।

ପୃଥିବୀର ପ୍ରଥମ ସ୍ପର୍ଶ ମୁଁ
ପ୍ରେମାସ୍ୱଦା ସୃଷ୍ଟି ସମ୍ଭବା,
ମୋ ନାରୀ ସୁଲଭ ଲାବଣ୍ୟତା
ଫୁଟିଛି ଚାଖଁଣ୍ଡେ ମାତ୍ର ନିଟୋଳ ନିତମ୍ବରେ
ମୋ ପାହୁଣ୍ଡର ଅପୂର୍ବ ଛନ୍ଦରେ
ସୃଷ୍ଟି ହୋଇପାରେ ଅନନ୍ତ ମାୟା
ଅପରୂପ ଛଟାରେ
ଯେ କୋଣସି ପୁରୁଷ ରହନ୍ତି
ପ୍ରେମ ନିବେଦନ ମୁଦ୍ରାରେ
ତଥାପି ମୁଁ ଭାଗଭାଗ
ଏଇଟା ମୋର ଦୋଷ ନୁହେଁ ମୋର ଭୟ ।

ହେଲେ ତୁ ତ, ତାଜୁବ
କେବେ କାହାକୁ ଭିଜାଉ ଆଦ୍ରତାରେ
ଭସାଉ ତୋ ଆଖିର କ୍ଷିପ୍ର ଚାଳନାରେ
ମହୁମାଛିଙ୍କୁ ଫାଙ୍କିଦେଇ
ମହୁ ଭାଙ୍ଗିବାରେ
ସେଥିପାଇଁ...
ମୋ ପାଇଁ ଯୁଦ୍ଧ
ତୋ ପାଇଁ କବିତା
ମୋତେ ନେଇ ଘଟଣା ଘଟିବା ଆଗରୁ
ଘଟେ ଅନେକ ଦୁର୍ଘଟଣା. ।

+ ଅଧ୍ୟାପିକା ସମାଜ ବିଜ୍ଞାନ
ଜମ୍ବୁବତୀ ନିବାସ,କଲେଜ ଛକ
ଜଗନ୍ନାଥ ପୁର ଭଦ୍ରକ
ମୋ: ୯୮୬୧୧୫୩୩୬୪

## ପ୍ରତିଶ୍ରୁତି
### ଅଞ୍ଜଳି ପଣ୍ଡା



ଆସିବା ଆଗରୁ
ପ୍ରତିଶ୍ରୁତିଟିଏ
ଦେବ କି ତୁମେ ?
ଭରସା ମିଳିବ
ଏ ଆଶା ନିଷ୍ଠେ
କରିବା ତ ଆମେ ?
କୁଜି ନେତାଠାରୁ
ହାଇକମାଣ୍ଡଙ୍କ ପର୍ଯ୍ୟନ୍ତ,
ପ୍ରତିଶ୍ରୁତି ଆଉ ଭରସା
ବାଣ୍ଟନ୍ତି ହୋଇ ଦାମ୍ଭିକ ।
ତାଙ୍କ ଦମ୍ଭପଣ ଆଗରେ
ନୁହଁ ତୁମେ ନଗଣ୍ୟ
ତୁମ ଆଗମନେ ହର୍ଷିତ
ପକ୍ଷୀ କୁଳଙ୍କ,
ଶୁଭିଲାଣି ମଧୁଗୁଞ୍ଜନ ।
ଅଦିନ ମଳୟ କହିବ
ମହୁମାଛି ଗାଇବ
ଫୁଲ ସବାରିରେ ଆସିବ
ସୋରିଷ କ୍ଷେତ ହସିବ ।
ରାତି ଅନ୍ଧକାର ଚିରି
ଉଦିତ ହେବେ ନୂତନ ସୂର୍ଯ୍ୟ
ସ୍ୱାଗତ, ଅଭିନନ୍ଦିତ
ହେ ନବବର୍ଷ ।
ଆଶା ବିଶ୍ୱାସ ତୁମ ସାଙ୍ଗରେ
କେତେ ଆଣିଛ ବୋଲି
ତୁମର ପରଶେ ଚଞ୍ଚଳ
ହୋଇ ଉଠିବ ଏ ମହୀ ।
ଗୋଳା ବାରୁଦରେ ଗଲାଣି
ବାୟୁ ମଣ୍ଡଳ ରୁନ୍ଧି
ନାନା ରୋଗ ବ୍ୟାଧି ବକ୍ଷଣେ
ଜୀବନ ଯାଉଛି ଛନ୍ଦି ।
ସୁନ୍ଦର ପୃଥିବୀ ହସୁଥିଲା
ଦିନେ ମାନବିକତାରେ
ହଜିଲା ଅତୀତ ଆଜି
ଶୁଭେ ହାହାକାର ।
ଜଞ୍ଜାଳ ବନ୍ଦରେ ମଣିଷ
ଯାନ ଚନ୍ଦ୍ର ମଙ୍ଗଳ
ପୃଥିବୀରେ ଶାନ୍ତି ସ୍ଥାପନ
ଲାଗି ନାହିଁ ତତ୍‌ପର ।
ବିଶ୍ୱରେ ଶାନ୍ତିର ସହାବସ୍ଥାନ
ଲାଗିକରେ ଏ ନିବେଦନ
ଅଛି କି ତୁମଠିଁ ସେ ସ୍ପର୍ଦ୍ଧା
ଲେଖ, ହେ ଆଗନ୍ତୁକ ନୂତନ ।

ଚୌଧୁରୀ ସାହି, ବାଲେଶ୍ୱର

## ଆସିଲ ଭଲକଲ
### ପ୍ରଭାତ କୁମାର ଆଚାର୍ଯ୍ୟ



ଫର୍ଚ୍ଚା ପଡ଼ିଲାଣି ପୂର୍ବଦିଗ
ଚାଁ ଚାଁ ହେଲେଣି ପକ୍ଷୀପଲ।
ଗୋବରା ବୋଉଟା ଉହ୍ନେଇ ଜାଳୁଛି ।
କନ୍ଥା ଦିଖଣ୍ଡ ଘୋଡି
ହାତ ଗୋଡ ଲମ୍ବେଇ ଦେଇଛି ସୁରିଆଟା
ଉଷୁମଉଚି ଦେହର ପରସ୍ତି।
କେତେ ରାତିରୁ ବାହାରିଥିଲ କି ଘରୁ ?
ଆମ ଘରେ ପାଦଥାପିଲ ଭୋଅରୁ ଭୋଅରୁ।
ଦେହରେ ନାହିଁ ତୁମ ଶାଲ୍ ଅବା ଜାକେଟ୍,
ଏ ହାଡ଼ଥରା ଶୀତ, ଆସିଲ କେମନ୍ତେ ?
ଆସିଲ ଭଲ କଲ।
ଦାନ୍ତପାଣି କରିଛକି ନାହିଁ ?
ନାଲି ଚା ଟିକେ ମାରିଦବା
ଶୀତଟା ରହିଯିବ ପେଟ ଭିତରେ।
ଏମିତି କି କାମ ପଡ଼ିଲାଯେ ?
ବହୁତ ଖୁସି ତ ଲାଗୁଛ !
କ'ଣ ବର୍ଷେ ପାଇଁ ଆସିଛ ଟ୍ରାନ୍ସଫର ହୋଇ
ପାଳିବାକୁ ଏ ପୃଥିବୀ ?
ବାଃ ଭଲ ହେଲା। କିନ୍ତୁ---
ତୁମେ କି ଫୁଟାଇ ପାରିବ ହସ
ଆମରି ମୁହଁରେ ?
ବନ୍ୟା, ବାତ୍ୟା, ମରୁଡି,ମଡକ
ଭୂମିକମ୍ପ, ସୁନାମି,
ସେସବୁକୁ କ'ଣ ତୁମେ
କରିପାରିବ ଆୟତ୍ତ ?
ଅତ୍ୟାଚାର, ବ୍ୟଭିଚାର, ଲୁଣ୍ଠନ, ଦୁଷ୍କର୍ମ
ସନ୍ତ୍ରାସବାଦ, ଆତଙ୍କବାଦ, ନକ୍ସଲ
ଲାଞ୍ଚ, ମିଛ, ପ୍ରତାରଣା
ଏ ପୃଥିବୀକୁ କରିଅଛି ଗ୍ରାସ।
ତ୍ରାହି ତ୍ରାହି ଡାକଦେଲାଣି ଜଗତ

ହେ ନବବର୍ଷ !
ଗେଣ୍ଡୁ, ଗୋଲାପରେ କରୁଛି ସ୍ୱାଗତ
ଆସିଲ ଭଲକଲ, ବିଗତ ବର୍ଷ ଭଳି ଜମା
ହେବନି ଅନ୍ଧ, ମୂକ, କାଲ।

+ ସଂସ୍କୃତ ଶିକ୍ଷକ, ସିଦ୍ଧେଶ୍ୱର କଲୋନୀ,
ଜାନୁଗଞ୍ଜ, ବାଲେଶ୍ୱର

## ନବ ବର୍ଷ ଶୁଭେଚ୍ଛା
### ଦୀପକ କୁମାର ନାଏକ

ବର୍ଷ ପରେ ବର୍ଷ ଏମିତି ଆସିବ ଜୀବନେ
ଏହା ତ ଲେଖା ଅଛି ବିଧିର ବିଧାନେ
ଚାଲିଗଲା ଏହି ବର୍ଷ କିଏ ବା ନ ଜାଣେ
କିନ୍ତୁ ରହିଗଲା କିଛି କିଛି ଅନୁଭୂତି ମନେ !
ଯାହା ରହିଲା ଅଧୁରା ପୁରୁଣା ବର୍ଷରେ
ପୂରଣ କରିବା ତାକୁ ନୂଆ ବରଷରେ
୨୦୨୩ ଦିଅ ବିଦାୟ ଖୁସିରେ ଖୁସିରେ
୨୦୨୪କୁ ଆସ ସ୍ୱାଗତ କରିବାରେ !
ଆସ ଆମେ ମିଳିମିଶି ଶପଥ ଯେ ନେବା
ଦେଶ ପ୍ରଗତିରେ ଆମେ ଗୁଣ୍ଡୁଚି ସାଜିବା
ଆମ ଦ୍ୱାରା ଯାହା ସମ୍ଭବ ସାହାଯ୍ୟ କରିବା
ଅନ୍ୟାୟ ବିରୁଦ୍ଧରେ ସବୁ ସ୍ୱର ଉଠାଇବା !
ଖୁସିରେ କରିବା ଆମେ ନବ ବର୍ଷକୁ ସ୍ୱାଗତ
ମହା ଆନନ୍ଦରେ ବିତୁ ସମସ୍ତଙ୍କ ଭବିଷ୍ୟତ
ଆମ ମସ୍ତକେ ଥାଉ ମହାପ୍ରଭୁ
ଜଗନ୍ନାଥଙ୍କ ହାତ
ଦିନ ଆମ ଯାଉ ଭଜି କାଳିଆ ସାଆନ୍ତ !

+ ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ,ପିନ୍-୭୫୯୦୨୧
ମୋ: ୮୬୩୭୨୬୧୮୨୮

## ନୂତନ ବରଷ ସ୍ୱପ୍ନ
### ତୃପ୍ତି ରାଣୀ ପାତ୍ର



ଏଇଅଛି ଏଇ ନାହିଁ ମଣିଷ ଜୀବନ
ସୂତା ଖିଏ ଝୁଲି ରହିଅଛି ପ୍ରାଣ
ଦେଖୁଥାଏ ନିତି କେତେ ନୂଆନୂଆ ସ୍ୱପ୍ନ
ବଞ୍ଚି ରହି ବିତାଇବାକୁ ତା'ଦିନ।
ପ୍ରତିବର୍ଷ ନବ ଉଦ୍ଦୀପନା ଭରିଯାଏ
ଶପଥ ନେଇଥାଉ ଏକାନ୍ତ ଚିତ୍ତେ
ଦୁଇ ହଜାର ତେଇଶି ଯାଇଅଛି ଦୂରେ
ହସକାନ୍ଦ ପଶରା ଧରାଇ ହାତେ ।
ଦୁଇହଜାର ଚବିଶି ପ୍ରେମେ ଦେବ ବର୍ଷି
ମଧୁ ଆବାହନୀ ସଙ୍ଗୀତେ ହରଷି
ଅନେକ ଭେଟିର ମଧୁ ସନ୍ଦୀପନୀ ରାଶି
ଝରାଇ ଦେବ ପାଶେ ବସି ଆଉଁସି ।
ସଜଫୁଟା ଫୁଲଟେ ପରି କୋମଳ ମନ
ସକାଳେ ଫୁଟି ସଞ୍ଜେ ଝଡ଼େ ଯେସନ
କୋମଳ ନରମ ପାଖୁଡ଼ା ତା'ଆକର୍ଷଣ
ସରବେ କରନ୍ତି ତା'ଆଦର ଯତ୍ନ ।
ରୂପ ରଙ୍ଗ ଦେଖି ବାଛି ଗୁନ୍ଥି ସୁସଜିତେ
ହସେ ନବବର୍ଷ ଶୁଭ ପ୍ରଭାତରେ
ପୁଷ୍ପ ବିକ୍ରୟେ ପେଟପୋଷେ କେହି ସତେ
ତଥାପି ସେ ଫୁଲ ହସେ ଆନନ୍ଦରେ ।
ପ୍ରଜାପତି ବସି ହସୁଥାଏ ତା'ଉପରେ
ଯତନେ ଚୁମୁଥାଏ ମଧୁ ରସ ସେ
ତଥାପି ନିଜକୁ ଅହୋଭାଗ୍ୟ ମଣୁଥାଏ
ସୁନ୍ଦରତା ରଙ୍ଗ ରୂପ ସୁବାସରେ ।
ଶେଷରେ ଝାଉଁଳି ମାଟିପରେ ମିଶିଯାଏ
ମନେ କେତେ ଅବଶୋଷ ରହିଯାଏ
ବୁଝେନା ଛଳନା ଲାଞ୍ଛନା ଅନ୍ତରେ ସିଏ
ବରଂ ପ୍ରେମେ ସହାୟତା କରୁଥାଏ ।
ନବ ବର୍ଷ ସନ୍ଦେଶ ସାର୍ଥକ କରି ସର୍ବେ
ପର ଆପଣା ସ୍ୱାର୍ଥକୁ ଫିଙ୍ଗିଦୂରେ
ନୂତନ ମନକୁ ବିଭୁ ଚେତନାର ରବେ
ବାନ୍ଧିହେବା ଏକତା ମନ୍ତ୍ର ସୂତ୍ରରେ ।
ତଥାପି ସୁମନ ଦେଖେ ବଞ୍ଚିବା ରାହା ସେ
ସେମିତି ମଣିଷର ସ୍ୱପ୍ନ ଅସୁମାରୀ
ରଙ୍ଗୀନ ଦୁନିଆରେ ବଞ୍ଚି ହସିବ ସିଏ
ବୁଜିବା ଆଗରୁ କରିବ ଆହୁରି ।
ସତ୍ୟ ଶାନ୍ତି ମୁକ୍ତି ବାର୍ତ୍ତା ସେବାଧର୍ମ ବରି
କର୍ତ୍ତବ୍ୟ ପଥେ ସ୍ୱପ୍ନ ସାକାର କରି
ଶବ୍ଦ ବିନ୍ୟାସେ ସୁଷମା ମାଧୁରୀରେ ଭରି
ଛୁଇଁଦେଇ ମନେ ଖୁସିର ଲହରୀ ।

+ ସହଦେବଖୁଣ୍ଟା, ବାଲେଶ୍ୱର



## ୟୁ ବୋଥ ଆର ଗୁଡ୍
### ଶୁଭନାରାୟଣ ଶତପଥୀ

ନୂଆବରଷଟା ପଡିଛିରେ ଆଜି
ଖାଦ୍ୟ ମିଳେ ମନଲାଖି
ଲିଙ୍କନ ଲୁଚାଇ ଖାଉଥିଲା ବସି
ଚାଓମିନ୍ ଚଟପଟି ॥
ଖାଦ୍ୟରେ ପୁରିଛି ଲିଙ୍କନ ପାଟିଟା
ବାକି ପକେଟରେ ଅଛି
ଦେଖିଦେଲେ କାଳେ ଖାଇଦେବ କିଏ
ତରତର ତାର ମତି ॥
ଟିଟାଭାଇ ଗଲେ ସେହିବାଟ ଦେଇ
ଦେଖିଦେଲେ ଲିଙ୍କନକୁ
ଝଅଟ ପକେଟୁ କାଢି ଯାଚିଦେଲା
ଚଟପଟି ଖାଇବାକୁ ॥
ବଡଭାଇ ଟିଟା ମନା କରିଦେଲେ
କହିଲେ ବୁଝାଇ ତାକୁ
ଫାଷ୍ଟଫୁଡ ଯେତେ ମିଳୁଛି ବଜାରେ
ହିତ ନୁହେଁ ଶରୀରକୁ ॥
ଦୁହେଁ କରିଦେଲେ ଶପଥ ସେଠାରେ
ଖାଇବୁନି ଜଙ୍କ୍‌ଫୁଡ
ଶୁଭ୍ରଭାଇ ସାକ୍ଷୀରହି କହିଦେଲେ
ୟୁ ବୋଥ ଆର ଗୁଡ୍ ॥

ବିଜିପୁର, ବ୍ରହ୍ମଗିରି, ,ପୁରୀ
ମୋ-୯୪୩୮୪୩୨୦୨୩

## ଏଥର ନୂଆ ବର୍ଷରେ
### ପୁଷ୍ପାଞ୍ଜଳି ପଣ୍ଡା

ଏଠି ଯେମିତି ବର୍ଷ ସରେ
ନିଶ୍ଚିତ ତୁମେ ଆସ ।
ନୂଆ ରଙ୍ଗରେ ଢ଼ଙ୍ଗରେ
ସଜେଇ ହେଇ
ଫୁଲତୋଡା ନେଇ
ହେଉ ବା ନହେଉ
ତୁମେ ପାଦ ଥାପି ଆସ ।
ଅପେକ୍ଷାର ଅବସାନ ହୁଏ
ପୃଥିବୀ ପାଲଟୁଥାଏ
ତୁମ ଆସିବାର ମହାର୍ଘ୍ୟ ମୁହୂର୍ତ୍ତ
ଚାରିଆଡେ ବାଜା ବାଣ ରୋଷଣୀର
ଉଦଗ୍ର କୋଳାହଳ ସହିତ।

ସବୁଦିନ ଠାରୁ ଅନେକ ଅଧିକ
ଟଳମଳ ପାଦ
ରକ୍ତିମ ଆଖିପତା ନେଇ
ଭୁଲ୍ କି ଭଲ
ଅଜଣା ଥାଇ ବି
ମନାଉଥାଏ ଖୁସୀ,
ଭୁଲିଯାଇ ସକଳ ଯନ୍ତ୍ରଣା ଭରା
ଜୀବନ ଜଞ୍ଜାଳ ।
ଏ ଥର ପୂରଣ ହେବ
ରାତିର ସପନ,
ନୂଆ ବର୍ଷର
ନୂଆ ଆଶା ନୂଆ ସମ୍ଭାବନା ସବୁ...!!
ଚିତ୍ର ଆଙ୍କୁ ଥାଏ ମନ
ନୃତ୍ୟ, ଗୀତର ତାଳେତାଳେ
ଆବେଗର ଅସରନ୍ତି କଲ୍ଲୋଳ ରେ
ସବୁଥର ପରି
ଏଥରର ନୂଆ ବର୍ଷରେ।

+ ଷ୍ଟାଟିଷ୍ଟିକାଲ୍ ଅଫିସର
କେନ୍ଦ୍ରାପଡ଼ା

## ନୂଆବର୍ଷର କଥା...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଭାରତର ବିଭିନ୍ନ ରାଜ୍ୟରୁ, ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଓ ଭାରତ ବାହାରରୁ ଯୁବପ୍ରତିଭା ଓ ଛାତ୍ରଛାତ୍ରୀମାନେ ଏହି ସମାବେଶରେ ଯୋଗ ଦେଇ ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ସମର୍ଥ ହୋଇଥାନ୍ତି ।

ପ୍ରତିବର୍ଷ ଏହି ନୂଆବର୍ଷଟି ଆସୁଛି । ଫୁଲବାଲା ଠାରୁ ଡାଏରୀ ବାଲା, ଫୋନ୍ କାର୍ଡ଼ ବାଲାଙ୍କ ଠାରୁ ମାଛ, ମାଂସବାଲା, ମଦ ଦୋକାନୀ ଠାରୁ ବକ୍ସିସ୍ ନେଲାବାଲା ସମସ୍ତେ ଲାଭବାନ ହୋଇଥାନ୍ତି । ହେଲେ ଆମ୍ଭମାନଙ୍କ ହାତରେ ଯେ କୋଟି କୋଟିର ଅମୂଲ୍ୟ ସମ୍ପଦ ଲାଭ ରହିଛି ତାହାକୁ ଆମେ ସମସ୍ତେ ଭୁଲି ଯାଉଛେ । ଆମ୍ଭେମାନେ କେଭେ ଚିନ୍ତା କରିଛେ ଯେ, ଆମ ଘରେ ଜୀବନ୍ତ ଭଗବାନ ରହିଛନ୍ତି ସେ ହେଉଛନ୍ତି ଆମର ପିତାମାତା । ଆଉ ଲକ୍ଷ୍ମୀତ ସ୍ୱୟଂ ସେଠାରେ ବିରାଜମାନ । କେବେ ଖୁସି ଓ ଆନନ୍ଦ ପାଇବା ପାଇଁ ଆଧ୍ୟାତ୍ମିକ ଚେତନାକୁ ନିଜ ଭିତରେ ଜାଗ୍ରତ କରିବା ପାଇଁ ଚେଷ୍ଟା କରୁନାହୁଁ । ସଦାସର୍ବଦା ପରନିନ୍ଦା, କାହାକୁ ଅସୁବିଧାରେ ପକାଇବାରେ ଚିନ୍ତନ, କୁଭାବନା, ପରଶ୍ରୀକାତରତା ପରି ବଦ୍‌ଭ୍ୟାସକୁ ଦୂରେଇ ରଖୁନାହୁଁ । ବାସ୍ତବିକ ଶାନ୍ତି କ'ଣ ଆମେ ମାନେ ପାଇ ପାରିବା । ତାହେଲେ ନୂଆ ବର୍ଷ କ'ଣ ପାଇଁ ? ଓ କେଉଁ ମାନଙ୍କ ପାଇଁ ? ବାସ୍ତବିକ ନୂଆବର୍ଷାର ଭେଳିକି ନାମରେ ଆମେ ନିଜକୁ ସିନା ଠକୁଛେ କିନ୍ତୁ କେବେ ଭାବନା ରାଜ୍ୟକୁ ବିବେକକୁ ସତରେ କ'ଣ ପ୍ରଶ୍ନ କରିପାରିବା ବାସ୍ତବିକ ଆମ୍ଭେମାନେ ନୂଆ ବର୍ଷ ସହ ନୂଆ ଚେତନା, ନୂଆ ଭାବନା ନେଇ ନିଜକୁ ନୂଆ ରୂପରେ ସଂସ୍କାରିତ କରିବା ପାଇଁ ଦିବ୍ୟପଥର ଅନୁଗାମୀ ହେବାପାଇଁ ବ୍ରତୀ ରଖିବାତ । ସତରେ ମାନବ ଜାତି ଶ୍ରଦ୍ଧା ସମ୍ପନ୍ନ, ସଦ୍‌ଗୁଣର ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ହୃଦୟଙ୍ଗମ କରି ଜୀବନଯାପନ କରିବା ଏକାନ୍ତ ପ୍ରୟୋଜନ ।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ
ମୋ: ୯୪୩୮୨୭୬୭୬୦

## ବସ୍ତା ନାଇକୁଡି ପଞ୍ଚାୟତ ହାଟ ପଡ଼ିଆରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର କାର୍ଯ୍ୟକ୍ରମ

ବାଲେଶ୍ୱର, ୩୧/୧୨ (ନି.ପ୍ର):ଆଜି ଅପରାହ୍ନ ୩ଟା ସମୟରେ ବସ୍ତା ନାଇକୁଡି ପଞ୍ଚାୟତ ହାଟ ପଡ଼ିଆରେ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବିକଶିତ ଭାରତ ସଂକଳ୍ପ ଯାତ୍ରାର କାର୍ଯ୍ୟକ୍ରମ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପସ୍ଥିତରେ ଆୟୋଜିତ ହୋଇଯାଇଛି। ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ କହିଥିଲେ, ବିଶେଷ କରି ମହିଳା, ଯୁବକ ଓ କୃଷକଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ଓ ଏହାର ଉପାଦେୟତା ବିଷୟରେ କହିଥିଲେ। ଏହାପରେ ସରକାରୀ ଯୋଜନାରୁ ବଞ୍ଚିତ ଥିବା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ବୈଠକରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ମଣ୍ଡଳ ସଭାପତି ରାଥା ପଙ୍କଜ ମଣ୍ଡଳ ଓ ରଞ୍ଜନ ମହାନ୍ତି, ବରିଷ୍ଠ ନେତା ଶ୍ୟାମପ୍ରସାଦ ବେହେରା, ଶ୍ରୀକୃଷ୍ଣ ଦତ୍ତ, ଫରନାଲ ବିଶ୍ୱାଳ, ସାଂସଦ ପ୍ରତିନିଧି ମହେଶ୍ୱର ଜେନା, ବାସୁଦେବ ପଣ୍ଡା ସମେତ ଅଞ୍ଚଳର ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଆକ୍ସନ ମୁଡ୍‌ରେ ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୂନ୍ୟ ସହନଶୀଳତା ନୀତି ଅନୁଯାୟୀ, ଭାରତ ବିରୋଧୀ କାର୍ଯ୍ୟକଳାପରେ ଜଡ଼ିତ କୌଣସି ବ୍ୟକ୍ତି କିମ୍ବା ସଂଗଠନ ତୁରନ୍ତ ରୋକାଯାଇପାରିବ ବୋଲି ଅମିତ ଶାହ କହିଛନ୍ତି। ଭାରତ ସରକାର ତରଫରୁ ଜାରି ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ, ତେହରିକ-ଏ-ହୁରିୟତ ସଂଗଠନର ଲୋକେ ଆତଙ୍କବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି। ଘାଟିରେ ପଥରମାଡ଼ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଛନ୍ତି। ସଂଗଠନର ଲୋକମାନେ ଭାରତୀୟ ନିୟମ ପାଳନ କରନ୍ତି ନାହିଁ। କଶ୍ମୀରକୁ ଭାରତଠାରୁ ଅଲଗା ବୋଲି ଭାବନ୍ତି। ଏହାପୂର୍ବରୁ ଡିସେମ୍ବର ୨୭ ତାରିଖରେ ଗୃହ ମନ୍ତ୍ରଣାଳୟ ମୁସଲିମ ଲିଗ୍ ଜମ୍ମୁ କଶ୍ମୀର (ମସରତ ଆଲମ ଗ୍ରୁପ୍) ଉପରେ ପ୍ରତିବନ୍ଧକ ଲଗାଇଥିଲା। ଦେଶ ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ଏହି ସଂଗଠନକୁ ଟଇଟଇ ଆକ୍ଟ ଅଧୀନରେ ୫ ବର୍ଷ ପାଇଁ ବାରଣ କରାଯାଇଛି ବୋଲି ଗୃହମନ୍ତ୍ରୀ ଅମିତ ଶାହ ସୂଚନା ଦେଇଥିଲେ।

### ପୂର୍ବତନ ବିଜେଡି...

ଏହାପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଦଳରୁ ବାହାର କରି ଦେଇଥିଲେ। ଏହାପରେ ସେମାନେ ମୋତେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଚାନ୍ଦିପୁର ଥାନାରେ ଅଭିଯୋଗ କରିଥିଲି। ରେମୁଣା ବସ୍‌ଷ୍ଟାଣ୍ଡରେ ହୋଇଥିବା ମହାଦୁର୍ନୀତିର ପର୍ଦ୍ଦାଫାସ କରିବାକୁ ଯାଉଥିଲୁ। ଏଥିନିମନ୍ତେ ଆରଟିଆଇରୁ ତଥ୍ୟ ମାଗିଥିଲି। ଏହା ପୂର୍ବରୁ ମୋ' ଉପରେ ଉଦ୍ଦେଶ୍ୟମୂଳକ ଭାବେ ମରଣାନ୍ତକ ଆକ୍ରମଣ ହୋଇଛି। ତନ୍ମୟ ଆଜି ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ଥିବା ବେଳେ ତାଙ୍କର ବହୁ ସମର୍ଥକ ବି ସେଠାରେ ପହଞ୍ଚିଥିଲେ। ଉକ୍ତ ସମୟରେ ରେମୁଣା ବିଧାୟକ ଆଜି ବାଲେଶ୍ୱର ମେଡିକାଲ ଆସିଥିଲେ। ମାତ୍ର ଏ ଘଟଣା ସମ୍ପର୍କରେ ଜାଣି ସେ ତୁରନ୍ତ ମେଡିକାଲ ଛାଡ଼ି ଚାଲି ଯାଇଥିଲେ। ଏନେଇ ତାଙ୍କୁ ପଚାରିବାରୁ ଶତ୍ରୁକୁ କ'ଣ ଦେଖା କରିବି କି ବୋଲି କହି ଚାଲି ଯାଇଥିଲେ। ପୂର୍ବରୁ ସୁଧାଂଶୁ ପରିଡ଼ାଙ୍କ ଗୋଷ୍ଠୀ ବାରମ୍ବାର ଫୋନ କରି ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ଏନେଇ ତନ୍ମୟ ମହାନ୍ତି ପୂର୍ବରୁ ଚାନ୍ଦିପୁର ଥାନାରେ ବି ଅଭିଯୋଗ କରିଥିଲେ। ହେଲେ ଏହାପରେ ଆଜି ଏହି ଘଟଣା ଘଟିଛି। ଖବର ପାଇ ସହଦେବଖୁଣ୍ଟା ପୁଲିସ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

### ହାଇଟେକ୍ ହସ୍ପିଟାଲ୍‌ରେ ....

ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ତାଙ୍କୁ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ମାତ୍ର ଡାକ୍ତରଙ୍କ ଶତ ଚେଷ୍ଟା ସତ୍ତ୍ୱେ ଆଜି ତାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ତେବେ ମୃତକଙ୍କ ପରିଚୟ ମିଳି ପାରିନି। ଏଥିରେ ଆହତ ହୋଇଥିବା ଅନ୍ୟମାନେ ଚିକିତ୍ସିତ ଅଛନ୍ତି। ଆହତ ହୋଇଥିବା ସମସ୍ତେ ମେଡ଼ିକାଲ୍ କର୍ମଚାରୀ ବୋଲି ଜଣାଯାଇଛି।

### ଦିନକରେ ୮ ଶହ ....

ଦେଶର ୯ଟି ରାଜ୍ୟରୁ ୧୭୮ଜଣ କୋଭିଡ୍-୧୯ର ନୂଆ ଭାରିଏଣ୍ଟ ଜେଏନ୍.୧ ଦ୍ୱାରା ଆକ୍ରାନ୍ତ ହୋଇଥିବା ରିପୋର୍ଟ କରାଯାଇଛି। ଗୋଆରେ ସର୍ବାଧିକ ୪୭ଜଣ ଓ କର୍ଣ୍ଣାଟକ ୪୧ଜଣ ଜେଏନ୍.୧ ଆକ୍ରାନ୍ତ ଚିହ୍ନଟ କରାଯାଇଛି। ତେବେ ଦେଶରେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ପୁଣି ନୂଆ ଲହର ଆସିବା ଆଶଙ୍କା ଘନେଇବାରେ ଲାଗିଛି।

## ସଡ଼କ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକରେ ସଚେତନତା ଉପରେ ଗୁରୁତ୍ୱ

### ଟ୍ରକ ଧାଡି ଭାଙ୍ଗିଲେ ଚାଳକ ଓ ମାଲିକ ଉଭୟ ପାଇବେ ଦଣ୍ଡ



ପାରାଦୀପ, ୩୧/୧୨ ; ପାରାଦୀପର ସ୍ୱତନ୍ତ୍ର ସର୍କିଟ ହାଉସ ପରିସରରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ୧ ତାରିଖରୁ ୭ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ସଡକ ସୁରକ୍ଷା ସପ୍ତାହ ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଦିଗରେ ବ୍ୟାପକ ପ୍ରସ୍ତୁତି ଜିଲ୍ଲା ପ୍ରଶାସନ ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ କରାଯାଇଛି। ଜାନୁଆରୀ ୧ ତାରିଖ ଦିନ ଜିଲ୍ଲାପାଳ ପାରୁଲ ପଟୱାରୀ ତାଙ୍କ କାର୍ଯ୍ୟାଳୟ ନିକଟରେ ଏଲଇଡି ଡିସପ୍ଲେ ଥିବା ଏକ ସଚେତନତା ରଥକୁ ଉଦଘାଟନ କରିବେ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ସୂଚନା ଦେଇଥିଲେ। ସଚେତନତା ପୋଷ୍ଟର ଓ ହୋର୍ଡିଂ ଲଗାଯିବା ସହ ରକ୍ତଦାନ ଓ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯିବ। ରାସ୍ତାରେ ଧାଡି ଭାଙ୍ଗି ଟ୍ରକ ଚାଳକ ମାନେ ଲୋକଙ୍କୁ ଅତିଷ୍ଠ କରୁଥିବା ବେଳେ ଏହାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଧାଡି ଭାଙ୍ଗିଲେ ଉଭୟ ଗାଡି ଚାଳକ ଓ ମାଲିକଙ୍କୁ ଦଣ୍ଡ ଦିଆଯିବ। ଏପରି କି ଭୁତମୁଣ୍ଡାଇ ରୁ ପାରାଦୀପ ମଧ୍ୟରେ ରାସ୍ତାରେ ଟ୍ରକ ଧାଡି ଭାଙ୍ଗିଲେ ଆଇନି ଅନୁସାରେ ଦଣ୍ଡିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଗୋଲଡେନ ଆୱାର ମଧ୍ୟରେ ଦୁର୍ଘଟଣା ଗ୍ରସ୍ତଙ୍କୁ ତୁରନ୍ତ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଯିବ।ରକ୍ଷକ ମେମ୍ବର ମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସଚେତନତା କରାଯିବ। ବସ, ଟ୍ରକ, ଡମ୍ଫର, ଅଟୋ ସଙ୍ଘ ସମୂହ ଓ ଅଟୋ ମୋବାଇଲ ଡିଲର ସଙ୍ଘ ସବୁ ବର୍ଗର ଲୋକଙ୍କୁ ନିଜ ନିଜ ସଙ୍ଗଠନ ମାଧ୍ୟମରେ ସଡକ ସୁରକ୍ଷା ସଚେତନତା କରାଇବେ। ପରିବହନ ପକ୍ଷରୁ ଏନଜିଓ ମାନଙ୍କ ସହାୟତା ରେ ରାତି ୩ ଟାରୁ ସକାଳ ୬ ଟା ପର୍ଯ୍ୟନ୍ତ କିଛି ସ୍ଥାନରେ ଟି ଷ୍ଟଲ ଖୋଲାଯାଇ ଡ୍ରାଇଭର ଓ ହେଲ୍ପର ମାନଙ୍କୁ ମଗଣାରେ ଚା' ପିଇବାକୁ ଦିଆଯିବ। ପାରାଦୀପ ଓ ଜଗତସିଂହପୁର ପୌର ପରିଷଦ ପକ୍ଷରୁ ସ୍ଥାପିତ ଏଲଇଡି ସ୍କ୍ରିନ ଜରିଆରେ ସଡକ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଚନ୍ଦ୍ରଭାଗାର ଚତୁର୍ଥ ସନ୍ଧ୍ୟାରେ କଥା-କବିତା-ନାଟକର ସ୍ୱର ଉଦ୍‌ଘାଟିତ



ବାଲେଶ୍ୱର, ୩୧/୧୨ (ନି.ପ୍ର): ଚନ୍ଦ୍ରଭାଗାର ଚତୁର୍ଥ ସଂନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ କବି ସତ୍ୟ ସାହୁ ଓ ସତ୍ୟ ସେଠୀଙ୍କ ତତ୍ତ୍ୱାବଧାନରେ କଥା-କବିତା-ନାଟକର ସ୍ୱର କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ଡକ୍ଟର ହରିଶ୍ଚନ୍ଦ୍ର ବେହେରା,ବିଶିଷ୍ଟ ଗୀତିକାର ପଞ୍ଚାନନ ନାୟକ ଏବଂ ବିଶିଷ୍ଟ ଯୁବ କବି ଓ ଗାଳ୍ପିକ ସରୋଜ କୁମାର ବଳ । ଏହି କାର୍ଯ୍ୟକ୍ରମରେ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ନିବାରଣ ଜେନା, କବି ପ୍ରଶାନ୍ତ ଦାସ, ଅଞ୍ଜନ ଚାନ୍ଦ, କବି ଶ୍ରୀଦେବ, ଚିତ୍ତରଞ୍ଜନ ନାୟକ, ସଞ୍ଜିତ କୁମାର ବଳ, ଉତ୍ପଳ ମହାନ୍ତି, ଡକ୍ଟର ଦିଲ୍ଲୀପ ରଥ, ଡ. ମମତା ସାହୁ, ଲିପିରେଖା ଶତପଥୀ, ଜୟନ୍ତୀ ବେଉରା, ପ୍ରୀତିଲେଖା ଦାସ, ଜ୍ୟୋତିର୍ମୟୀ ଶତପଥୀ, ସ୍ମୃତି ଦାସ, ଶ୍ରୀମତୀ କଲ୍ୟାଣୀ ନନ୍ଦ, ବିଭୁତି ଭୂଷଣ ଗ୍ରହାଚାର୍ଯ୍ୟ, ବିଶ୍ୱନାଥ ନାୟକ, ପ୍ରଦୀପ କୁମାର ବନ୍ଧ, ଆଶିଷ ମିଶ୍ର, ପ୍ରଦୀପ୍ତ ମହାନ୍ତି, ସୁରଞ୍ଜନ ପାତ୍ର, ସଞ୍ଜୟ ପଣ୍ଡା, ଅବିନାଶ ସାହୁ, ଅଙ୍କିତ୍ ଧଳ, ରାମଚନ୍ଦ୍ର ମାଝି, ଅବନୀ ଜେନା ପ୍ରମୁଖ କବିତା ପାଠ ଓ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଟାଇମପାସ ର ପ୍ରତିଷ୍ଠାତା ସରୋଜ ବଳ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ବାଲିକୁଟୀ ଗ୍ରାମୀଣ ମହୋତ୍ସବର ଦ୍ୱିତୀୟ ସଂଧ୍ୟା

ଲଙ୍ଗଳେଶ୍ୱର , ୩୧/୧୨ (ନି.ପ୍ର): ବାଲିଆପାଳ ବ୍ଲକ୍ ବାଲିକୁଟୀ ଜଗନ୍ନାଥ ମନ୍ଦିର ସ୍ଥିତ ପଡିଆରେ ବାଲିକୁଟୀ ଗ୍ରାମୀଣ ମହୋତ୍ସବର ଦିତୀୟ ସଂଧ୍ୟା ଅନୁଷ୍ଠିତ ହୋଇଯାଇଚି । ସମାଜସେବୀ ପର୍ଶୁରାମ ଚନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିତୀୟ ସନ୍ଧ୍ୟାରେ ସମାଜସେବୀ , ପ୍ରକୃତି ବନ୍ଧୁ ତଥା ଯୁବ ବ୍ୟବସାୟୀ ସୁମନ୍ତ କୁମାର ଜେନା ଯୋଗଦେଇ ମହୋତ୍ସବ କଳା ସଂସ୍କୃତି କୁ ଉଜ୍ଜୀବିତ ରଖିବା ସହ ଭାଇଚାରା ସୃଷ୍ଟି କରିଥାଏ ବୋଲି ମତ ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ସମୟ ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ସମ୍ମାନିତ ଅତିଥିଭାବେ ଲଙ୍ଗଳେଶ୍ୱର ଡାକ୍ତର ଖାନାର ଡାକ୍ତର ତପନ କୁମାର ଗିରି, ସମାଜସେବୀ ଲଳିତ ମୋହନ ପାଣିଗ୍ରାହୀ, ଯୁବ ସାମ୍ବାଦିକ ଚନ୍ଦନ କୁମାର ଜେନା ପ୍ରମୁଖ ଯୋଗଦାନ କରିଥିଲେ । ଉତ୍ସବ କମିଟିର ସମ୍ପାଦକ ରାମକୃଷ୍ଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ବନ୍ଧୁ ମିଳନ ଓ ପୁରୁଣା ବର୍ଷକୁ ବିଦାୟ ନୂତନ ବର୍ଷକୁ ସ୍ୱାଗତ



ଖୋରଧା , ୩୧/୧୨ (ନି.ପ୍ର): ଏକ ବନ୍ଧୁ ମିଳନ ଖୋର୍ଦ୍ଧା ସମସ୍ତ ବରିଷ୍ଠ ନାଗରିକ ଏକତ୍ର ବୋଇ ଥିଲେ। ଏହି ସଭାଟି ଉକ୍ତ ମଞ୍ଚର ସମ୍ପାଦକ, ବରିଷ୍ଠ ନାଗରିକଙ୍କ ଘରେ ମଙ୍କୁଦପ୍ରସାଦ ଠାରେ କରାଯାଇ ଥିଲା। ବୈଠକ ମଞ୍ଚରେ ସଭାପତିତ୍ୱ କରିଥିଲେ ସବୁଠାରୁ ବଏସ୍କ ଭୀମସେନ ପ୍ରଧାନ। ପରିଚାଳନା କରିଥିଲେ ସମ୍ପାଦକ ଆଗ୍ରହୀ ରାମଶଙ୍କର। ପ୍ରାୟ ୧୦୦ ପରେ ସଭ୍ୟ ଓ ସଭ୍ୟା ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଆଲୋଚ୍ୟ ବିଷୟ ଥିଲା ଏହି ୨୦୨୩ ମସିହାରେ ଶ୍ରୀରାମ ନଗର ଠାରେ ୱାର୍ଡ଼ ନମ୍ବର ୧୨ ଖୋର୍ଦ୍ଧା ପୌର ପରୀଷଦରେ ନୂତନ କୋଠା ସଂପୂର୍ଣ୍ଣ ଅବସ୍ଥା କୁ ଯାଇଛି ପୁଣୀ ଅର୍ଥ ଆବଶ୍ୟକ,। ନୂତନ ବର୍ଷ ୨୦୨୪ ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇ ମଞ୍ଚର ସ୍ଥାୟୀ ଗୃହ କାର୍ଯ୍ୟ କାରୀ ହେବ ବୋଲି ଆଶା ଓ ବିଶ୍ୱାସ। ଆସନ୍ତା ଜାନୁୟାରୀ ୨୦୨୪ ତା ୨୧.୧.୨୦୨୪ରେ ମଞ୍ଚର ବାର୍ଷିକ ଉତ୍ସବ ହେବ। ଏହି ଉତ୍ସବରେ ଏକ ସ୍ମରଣିକା(ପ୍ରବୃଦ୍ଧା) ପ୍ରକାଶ ପାଇବ, ତାର କାର୍ଯ୍ୟ ଚାଲିଛି ବୋଲି ,କବି ଗୋବିନ୍ଦ ଚନ୍ଦ୍ର ମହାରଣା ପ୍ରକାଶ କରିଥିଲେ। ବାର୍ଷିକ ସଭାରେ ନୂତନ କର୍ମ କର୍ତ୍ତା ନିବାର୍ଚିତ ହେବ ବୋଲି ନିଷ୍ପତ୍ତି ନୀଆଗଲା। ବାର୍ଷିକ ଉତ୍ସବ ପାଇଁ ଚାନ୍ଦା ଅତି କମରେ ୨୦୦ଟଂକା ଅତି କମରେ ଓ ନୂତନ ସଭ୍ୟ ସଂଗ୍ରହ କରିବା ପାଇଁ ୱାର୍ଡ଼ ନେଇ ୨୩ ଜଣ ବରିଷ୍ଠ ନାଗରିକଙ୍କୁ ଦାୟିତ୍ୱ ଦିଆ ଗଲା। ଆଜିର ଏହି ସଭାରେ ଖାଇବା ପାଇଁ ସମସ୍ତ ସଭ୍ୟଙ୍କୁ ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ରାଜଗୁରୁ ବହନ କରିଥିଲେ। ଏହାଙ୍କ ମହାନ୍ୟତାକୁ ସମସ୍ତେ ପ୍ରସାଂସା କରିଥିଲେ। ଉକ୍ତ ବୈଠକରେ ବହୁ ଜ୍ଞାନୀ ମାନୀ ଓ ବିଶିଷ୍ଟ ବେକ୍ତି ଯୋଗ ଦେଇଥିଲେ। ବରିଷ୍ଠ ଆଇନ ଜୀବି ବିଧାନ ମହାନ୍ତି , ଅବସରପ୍ରାପ୍ତ ପୋଲିସ ଏସପି ଦେବ ପ୍ରକାଶ ମଞ୍ଜୁଦାର, କଳିଙ୍ଗ ପାଇକ ସଙ୍ଘ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଶିକ୍ଷା ବୀତ ଭୀମ ସେନ ପ୍ରଧାନ, ଡ, ପ୍ରଫୁଲ୍ଲ ସାମନ୍ତରାୟ, ଡ. ସତ୍ୟବାଦୀ ବଳିୟାରସିହଁ , ବିଧାୟକ ଭାଇ ରବୀନ୍ଦ୍ର କୁମାର ସାହୁ, ବସନ୍ତ ଦାସ ବରିଷ୍ଠ ଓକିଲ, ସ୍ୱାସ୍ଥ୍ୟ ସେବାର ନାମ ନେଇ ଥିବା ବୈକୁଣ୍ଠ ମହାପାତ୍ର, ହାଜି ନସୁର ଉଦ୍ଦିନ ଖାଁ, ବୈକୁଣ୍ଠ ରାଜଗୁରୁ,ଗୋବିନ୍ଦ ମହାରଣା, ବିଶ୍ୱନାଥ ଜେନା ଆଦି ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ପୁରୁଣା ବର୍ଷ କୁ ବିଦାୟ ଓ ନୂତନ ବର୍ଷକୁ ସ୍ୱାଗତ କରି,ଶେଷରେ ଡକ୍ଟର ପ୍ରଫୁଲ୍ଲ ସାମନ୍ତରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଂଗ କରିଥିଲେ।

## ବସ୍ତା ବିଜେପିର ସାଙ୍ଗଠନିକ ବୈଠକ




ବସ୍ତା, ୩୧/୧୨ (ନି.ପ୍ର): ବିଜେପି ଯୁବ ମୋର୍ଚ୍ଚା ତରଫରୁ ସଂଗଠନ କୁ ମଜବୁତ୍ ଓ ମାନ୍ୟବର ମନ୍ତ୍ରୀ ଅଶ୍ୱିନୀ ବୋଇଷ୍ଣବ ଙ୍କ ଆଗମନକୁ ଆଖି ଆଗରେ ରଖି ବସ୍ତକ୍ଷ ମଣ୍ଡଳ ସଭାପତି ଧିରେନ ସେଠୀ ଓ ଦରଡକ୍ଷ ମଣ୍ଡଳ ସଭାପତି ଚନ୍ଦନ ଭୋଳ ଙ୍କ ଅଧ୍ୟକ୍ଷତା ରେ , ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ସାଧାରଣ ସଂପାଦକ ଖଗେନ୍ଦ୍ର ନାୟକ, ଜିଲ୍ଲା ଯୁବ ମୋର୍ଚ୍ଚା ଉପ ସଭାପତି ରକ୍ଷଜେନ କୁମାର ପରିଡ଼ା, ମଣ୍ଡଳ କାର୍ଯ୍ୟ କର୍ତ୍ତା ନିହାର ରଞ୍ଜନ ବେହେରା, ଆକାଶ ବେହେରା, ଦିବାକର ରାଉତ, ଅରବିନ୍ଦ ପ୍ରଧାନ, ବିନୟ କେତନ ଜେନା ,ନିଶିଆ ମାରାଣ୍ଡି ଇତ୍ୟାଦି ଏଥିରେ ବରିଷ୍ଠ ନେତା ପୂର୍ବତନ ବିଧାୟକ ପ୍ରକ୍ଷଥି ଶ୍ୟାମ ପ୍ରସାଦ ବେହେରା , ମଣ୍ଡଳ ସଭାପତି ବସନ୍ତ ବାରିକ ଓ ଜିଲ୍ଲା ସାଧାରଣ ସଂପାଦକ ପ୍ରଦୀପ ପଣ୍ଡା ସାଂଗଠନିକ ସୁଦୃଢ଼ ମନ୍ତବ୍ୟ ଦେଇ ଥିଲେ।

## ବାଇକ ଉପରେ ଚଢିଗଲା ଟ୍ରକ

ବରଗଡ, ୩୧/୧୨ (ନି.ପ୍ର): ବରଗଡ଼ ପାଣିଛତର ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଟ୍ରକ ଧକ୍କାରେ ଦୁଇ ବାଇକ ଚାଳକଙ୍କର ମୃତ୍ୟୁ ଘଟିଛିକ୍ଷ ବାଇକ ଉପରେ ଚଢ଼ିଗଲା ଟ୍ରକ। ଘଟଣା ସ୍ଥଳରେ ବାଇକ ଚାଳକଙ୍କ ସହିତ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଦୁଇଜଣ ହେଲେ ବରଗଡ଼ ହାଟପଦାର ୪୦ ବର୍ଷୀୟ ବିଶ୍ୱନାଥ ସାହୁ ଓ ଅର୍ଜୁନ ରାଉତ ବୟସ ୪୭ ବୋଲି ଜଣାପଡ଼ିଛି। ଉଭୟ ଆଜି ସକାଳୁ ଏକ ହୋଣ୍ଡା ସାଇନ ବାଇକରେ ହୀରାକୁଦକୁ ବଣଭୋଜି କରିବାକୁ ଯାଉଥିଲେ। ନାଗେନପାଲି ଏଫସିଆଇ ଗୋଦାମ ସମ୍ମୁଖରେ ଏକ ଟ୍ରକ ବିପରୀତ ଦିଗରୁ ଆସି ବାଇକ ଉପରେ ମାଡ଼ି ଯାଇଥିଲା। ଘଟଣା ସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା।

## ଓୟୁଜେର ସ୍ୱଚ୍ଛ ଭାରତ ସଚେତନତା ଅଭିଯାନ



ବାଲେଶ୍ୱର, ୩୧/୧୨ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ସହର ମଧ୍ୟସ୍ଥଳରେ ଥିବା ଷ୍ଟାଡିୟମ ରେ ସ୍ୱଚ୍ଛ ଭାରତ ସଚେତନତା କରାଯିବା ସହ ସମୂହ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଯୋଗଦେଇ ଆମ ପରିବେଶ କୁ ସ୍ୱଚ୍ଛ ରଖିଲେ ଆମେ ସୁସ୍ଥ ରହିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସେମାନେ କହିଲେ ଯେ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଉତ୍ତର ଦାୟିତ୍ୱ କୁ ଏହିଭଳି ସଚେତନତା ଧର୍ମୀ କାର୍ଯ୍ୟ କ୍ରମ କରି ଦାୟିତ୍ୱ ନିଭାଇବା ଦରକାର। ଯଦ୍ୱାରା ସମଗ୍ର ସମାଜ ଉପରେ ତାର ଅନୁକୂଳ ପ୍ରଭାବ ପଡ଼ିବ। ସ୍ୱଚ୍ଛ ଭାରତ ଅଭିଯାନ ହେଉଛି ଏକ ନିରନ୍ତର ପ୍ରକ୍ରିୟା। ଗ୍ରାମ ଠାରୁ ସହର ସବୁଠି ଏହାର ପ୍ରତିଫଳନ ହେଲେ ଲୋକେ ଆପଣାଛାଁଏ ସଚେତନ ହୋଇଯିବେ। ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ଏକ ଜନ ଜାଗରଣର ସେତୁ ଭାବେ କାର୍ଯ୍ୟ କରୁ ବୋଲି ବିଧାୟକ ଦ୍ୱୟ ମତ ପ୍ରକାଶ କରିଥିଲେ।୨୦୨୩ ବର୍ଷକୁ ବିଦାୟ ଦେବା ଅବସରରେ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ବିଶିଷ୍ଟ ଦନ୍ତ ଚିକିତ୍ସକ ଡାକ୍ତର ସିଦ୍ଧାର୍ଥ ନନ୍ଦ, କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ପୂର୍ବତନ କାଉନ ସିଲର ବିଶ୍ୱଜିତ ମହାପାତ୍ର, ପୂର୍ବତନ ପୌର ଉପାଧକ୍ଷ ମନୋଜ କୁମାର ରାଉତ, ବରିଷ୍ଠ ଆଡଭୋକେଟ ପ୍ରଣବ କୁମାର ପଣ୍ଡା , ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ,ମନୋଜ କୁମାର ରାଉଳ, ଅଜିତ କୁମାର ମହାନ୍ତି, ହାଇଦର ଖାନ, ଅରୂପ ମହାନ୍ତି, ଆଜୀମ ବାଲେଶ୍ୱରୀ, ସୋମନାଥ ସାହୁ, ଅଧିପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ଛଡ଼ାଇ ନେଲା ପାଠ: ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ 'ମଳିକା'

ଉଦଳା , ୩୧/୧୨ (ନି.ପ୍ର): ଯେ ହେଉଛି ଗୋପବନ୍ଧୁନଗର ବ୍ଲକର ଜୟପୁର ପଂଚାୟତ ଅନ୍ତର୍ଗତ ମାର୍ଶିଙ୍ଗା ଗ୍ରାମର ଦୃଶ୍ୟ । ଏହିଗ୍ରାମର ବାସିନ୍ଦା କୁନା ସିଂ ଓ ମାତା ସୋମବାରୀ ସିଂଙ୍କ କନ୍ୟା ମଳିକା ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଘଟଣାରୁ ଜଣାଯାଏ ମଳିକା ଗ୍ରାମରେ ଥିବା ଆଶ୍ରମ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । କରୋନା ଯୋଗୁଁ ବିଦ୍ୟାଳୟ ଛୁଟି ରହିବା ଫଳରେ ସେ ପାଠ ଠାରୁ ଦୁରେଇ ଯାଇଥିଲେ। ବିଦ୍ୟାଳୟ ଖୋଲିବା ପରେ ସେ କିପରି ପୁଣିଥରେ ବିଦ୍ୟାଳୟକୁ ଯିବେ ଓ ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଫଳରେ ସେ ପାଠ ପଢ଼ାରେ ସବୁଦିନ ପାଇଁ ଡ଼ୋରିବାନ୍ଧି ଦେବାକୁ ବାଧ ହେଲେ । ମଳିକାଙ୍କୁ ବର୍ତ୍ତମାନ ବୟସ ୧୨ ବର୍ଷ ଛୁଇଁଲା । ସରକାରଙ୍କ ଘୋଷଣା ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୁଳକ ଶିକ୍ଷା । ଅଥଚ ମଳିକାଙ୍କ ପରି ବର୍ତ୍ତମାନ ମଧ୍ୟ ବହୁ ପିଲା ବିଦ୍ୟାଳୟ ବାହାରେ ଥିବାର ଖବର ଜଣାଯାଇଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ସୋମବାର, ଜାନୁଆରୀ ୧, ୨୦୨୪

# ଧ୍ୱନି ପ୍ରତିଧ୍ୱନି

## ୨୦୨୪ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ-୨୦୨୪ର ଶୁଭ ଅବସରରେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ନୂଆବର୍ଷ ସମସ୍ତଙ୍କ ଜୀବନରେ ଆଣିଦେଉ ଅସୁମାରୀ ଖୁସି ଓ ପୁଲକ, ଭରିଦେଉ ଶାନ୍ତି ଓ ସଂହତି, ଏତିକି ମାତ୍ର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।



**ହରିହର ବେହେରା**
ଚେୟାରମ୍ୟାନ୍ କ୍ଲବ ମେମ୍ବର ଜୀବନବୀମା ନିଗମ, ବାଲେଶ୍ୱର ଶାଖା

## ୨୦୨୪ ନବବର୍ଷର ଶୁଭେଚ୍ଛା

ନବବର୍ଷ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଅସତ୍ୟ ଉପରେ ସତ୍ୟର ଓ ଅନ୍ୟାୟ ଉପରେ ନ୍ୟାୟର ଜୟ ହେଉ। ଏହି ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।



**ଶ୍ରୀମତୀ ଅଞ୍ଜଳି ପଣ୍ଡା**
ସୁସାହିତ୍ୟିକା ତଥା ସମାଜସେବୀ, ବାଲେଶ୍ୱର

## ନିଆରା ବ୍ୟକ୍ତିତ୍ୱ: ଯଶୋଦା ନନ୍ଦନ ଆଶ



ଜଣେ ଭଲ ମଣିଷ ହୋଇ ସମସ୍ତଙ୍କ କଲ୍ୟାଣ ସାଧନ କରିବାର ଶ୍ରଦ୍ଧା ଓ ବିଶ୍ୱାସ ରଖି ନିଜକୁ ସମାଜ ସେବାରେ ନିୟୋଜିତ କରି ଆଗେଇ ଚାଲିଥିବା ସହରର ଜଣାଶୁଣା ବ୍ୟକ୍ତିତ୍ୱ **ଯଶୋଦା ନନ୍ଦନ ଆଶ**। ସାମର୍ଥ୍ୟ, ସ୍ୱପ୍ନ, ସଂକଳ୍ପ ଓ ସଫଳତାର ସଫେଦର ଜଣେ ସଫଳ ସମାଜସେବୀ। ଦରକାରୀ ଲୋକଙ୍କୁ ସାହାଯ୍ୟ କରିବା, ପ୍ରତିଦିନ ଅନ୍ୟମାନଙ୍କୁ ସାହାଯ୍ୟ କରିବା; ତାହା ଶାରୀରିକ ମାନସିକ, ଆର୍ଥିକ ହୋଇପାରେ, ଅନ୍ୟର ସୁଖ ଦୁଃଖ ବାଣ୍ଟିବା, ନିଜକୁ ଅନ୍ୟ ସହ ତୁଳନା ନକରିବା, ଆତ୍ମସମ୍ମାନ ବଜାୟ ରଖିବା, ଜଟିଳ ରୋଗୀମାନଙ୍କୁ ସାହାଯ୍ୟ କରିବା, ଆର୍ଥିକ ଅକ୍ଷମକୁ କନ୍ୟାଦାନରେ ସାଧ୍ୟମତେ ସାହାଯ୍ୟ କରିବା ହେଉଛି ଶ୍ରୀମାନ୍ ଆଶଙ୍କ ଏହା ସ୍ୱେଚ୍ଛାକୃତ ପ୍ରବୃତ୍ତି। ଯେ ଯେଉଁ ସ୍ତରରେ ରହିଥିଲେ ବି ନିଜର ଇଚ୍ଛାଶକ୍ତି ବଳରେ ସମାଜର ଅବହେଳିତ ଲୋକମାନଙ୍କ ପାଇଁ ସମୟ ବାହାର କରି ସେମାନଙ୍କ ସେବାରେ ନିଜର ମନ ନିବେଶ କରିପାରିଛନ୍ତି। ମାଷ୍ଟର ଡିଗ୍ରୀ ସହ ଆଇନର ଡିଗ୍ରୀ ହାସଲ କରିଥିବା ବ୍ୟକ୍ତି ଜଣଙ୍କ ନିଜର କର୍ମମୟ ଜୀବନରେ ସୀମିତ ନିଜକୁ ନରଖି ବିଭିନ୍ନ ପ୍ରକାର ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଗୁଆ ରହିଛନ୍ତି। ବାଲେଶ୍ୱର ବାର ଆସୋସିଏସନର ଆଗ ଧାଡ଼ି ସଦସ୍ୟ, ଆମ ନିୟୁଜର ସ୍ପେଶିଆଲ ରିପୋର୍ଟର, କେନ୍ଦ୍ର ସରକାରଙ୍କର ସାଧାରଣ ବୀମା କର୍ମଚାରୀ ସଂଘର ରାଜ୍ୟ ଉପସଭାପତି, ସରକାରୀ ସାଧାରଣ ବୀମା ଅଫିସର ଓ କର୍ମଚାରୀ ରାଜ୍ୟସ୍ତରୀୟ ପେନ୍‌ସନ୍ ସଂଘର କାର୍ଯ୍ୟକାରୀ ସଦସ୍ୟ, ଶ୍ରଦ୍ଧାଞ୍ଜଳି ରାୟଙ୍କ ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ "ରୂପାୟନ" ସଂଗଠନର, ବରିଷ୍ଠ ଉପଦେଷ୍ଟା, ସରକାରୀ ମେଡିକାଲ କଲେଜର କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ, ଜିଲ୍ଲାର ଦରିଦ୍ର ଦୁଃଖୀଙ୍କ ପାଇଁ ଉଦ୍ଦିଷ୍ଟ 'ସହାୟକ' ସଂଗଠନର ଆଜୀବନ ସଦସ୍ୟ, କଳାସଂସ୍କୃତି ଐତିହ୍ୟର ପୁନଃଉଦ୍ଧାର ପାଇଁ କାର୍ଯ୍ୟ କରୁଥିବା 'ଇନ୍‌ଟାକ୍'ର ବରିଷ୍ଠ ସଦସ୍ୟ, ଆନ୍ତର୍ଜାତିକ ଅନୁଷ୍ଠାନ ରୋଟାରୀ ଇଂଟର ନ୍ୟାସନାଲର ବରିଷ୍ଠ- ରୋଟାରିଆନ, ଜିଲ୍ଲା ରକ୍ତଦାତା ସଂଗଠନର ଆଜୀବନ ସଦସ୍ୟ, ସିଭିଲ୍ ସୋସାଇଟିର ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ସମେତ ବହୁତ ରାଜ୍ୟସ୍ତରୀୟ ଶ୍ରମିକ ସଂଗଠନ ଓ ସାମାଜିକ ଅନୁଷ୍ଠାନ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଅଛନ୍ତି। ସମାଜର ଅବହେଳିତ ବର୍ଗ ଓ ଗରିବ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇଛନ୍ତି। ଫଳରେ ଫଳସ୍ୱରୂପ ଅନେକ ମାନସମ୍ମାନ ମଧ୍ୟ ସେ ପାଇଛନ୍ତି।

ନୂଆବର୍ଷ ୨୦୨୪ ଉପଲକ୍ଷେ ଆମ ଅଂଚଳର ଜଣେ ସଫଳ ସମାଜସେବୀ ଶ୍ରୀମାନ୍ ଆଶଙ୍କର ଚଲାପଥ କୁସୁମିତ ହେଉ, ସମସ୍ତଙ୍କର ଏହା ଏକାନ୍ତ କାମ୍ୟ।

## ୨୦୨୪ ନବବର୍ଷର ଶୁଭେଚ୍ଛା



ନୂଆବର୍ଷ ୨୦୨୪ ନୂଆ ସଂକଳ୍ପର ବର୍ଷ ହେଉ, ସମସ୍ତଙ୍କ ଜୀବନରେ ଭରିଦେଉ, ସୁଖ, ଶାନ୍ତି ଓ ସମୃଦ୍ଧି, ସମସ୍ତଙ୍କ ଚଲାପଥ ପୁଷ୍ପିତ କରୁ, ଏତିକି ହିଁ ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା ।

**ସୁଧାସିନ୍ଧୁ ପଣ୍ଡା**
ବିଶିଷ୍ଟ ଶିଳ୍ପପତି, ବାଲେଶ୍ୱର

## ୨୦୨୪ ନବବର୍ଷର ଶୁଭେଚ୍ଛା



ନୂଆବର୍ଷ ୨୦୨୪ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ପ୍ରଗତିର ବାର୍ତ୍ତାବହ ହେଉ, ଈଶ୍ୱର ସମସ୍ତଙ୍କ ଚଲାପଥ କୁସୁମିତ କରନ୍ତୁ, ଏତିକି ହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

**ସ୍ମୃତି ଦାସ**
ଗାଳ୍ପିକା ଓ ସମାଜସେବୀ
ମାଣିଖଣ୍ଡ, ବାଲେଶ୍ୱର

## ରାଇରଙ୍ଗପୁର ଆଇଟିଆଇ

### ରାଇରଙ୍ଗପୁର, ମୟୂରଭଞ୍ଜ

(ରାଷ୍ଟ୍ରୀୟ ବୈଷୟିକ ପ୍ରଶିକ୍ଷଣ ପରିଷଦ (NCVT) ଭାରତ ସରକାର ଏବଂ ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ୍, ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ)



ନୂଆବର୍ଷ ୨୦୨୪ରେ ସମସ୍ତଙ୍କ ପାଇଁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ପ୍ରଗତିର ବାର୍ତ୍ତାବହ ହେଉ, ଏତିକି କାମନା । ଏଥିସହିତ ରାଇରଙ୍ଗପୁର ଆଇଟିଆଇର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଓ ଜନସାଧାରଣଙ୍କୁ ଆମର ଅସୁମାରୀ ଶୁଭେଚ୍ଛା ଓ ଅଭିନନ୍ଦନ।

Mob-9437161240/9437615650/9777948962

## ୨୦୨୪ ନବବର୍ଷର ଶୁଭେଚ୍ଛା



ନୂଆବର୍ଷ ଉପଲକ୍ଷେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ଏ ବର୍ଷ ସମସ୍ତଙ୍କ ପାଇଁ ପ୍ରେମ, ପ୍ରୀତିର ବର୍ଷ ହେଉ, ସବୁ ପ୍ରାଣରେ ଭରିଦେଉ ଶାନ୍ତିର ପୁଲକ, ଏହାହିଁ କାମନା।

**ଶ୍ରୀମତୀ କୃଷ୍ଣା ପ୍ରଧାନ**
କବୀ ଓ ଶିକ୍ଷୟିତ୍ରୀ, ବାଲେଶ୍ୱର

## ୨୦୨୪ ନବବର୍ଷର ଶୁଭେଚ୍ଛା

ନୂଆବର୍ଷରେ ସମସ୍ତଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା। ନୂଆବର୍ଷ ସମସ୍ତଙ୍କ ଜୀବନରେ ଆଣିଦେଉ ଖୁସି ଓ ଆନନ୍ଦ, ସମସ୍ତେ ରୁହନ୍ତୁ ସୁସ୍ଥ ଓ ନିରାମୟ, ଏତିକି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।



**ଡଲିରାଣୀ ବ୍ରହ୍ମା**
ସାହିତ୍ୟିକା ଓ ସାମ୍ବାଦିକା, ରାଉରକେଲା




## ୨୦୨୪ ନବବର୍ଷର ଶୁଭେଚ୍ଛା



ନୂଆବର୍ଷ ଉପଲକ୍ଷେ ଓଡିଶାର ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧିର ବର୍ଷ ହେଉ, ସମସ୍ତଙ୍କ ପ୍ରାଣରେ ଭରିଦେଉ ପ୍ରୀତି ଓ ପୁଲକ, ଏତିକି ଈଶ୍ୱରଙ୍କ ଠାରେ ମୋର ପ୍ରାର୍ଥନା ।

**ମିନତୀ ରାଣୀ ବେହେରା**
ଅଧକ୍ଷା, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟ, ଆଙ୍ଗ, ରୁପ୍ସା

## ୨୦୨୪ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଅବସରରେ ସମସ୍ତଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା। ଏହି ନୂଆବର୍ଷ ସମସ୍ତଙ୍କ ଜୀବନକୁ ସରସ ସୁନ୍ଦର କରୁ, ଶାନ୍ତି ଓ ପ୍ରଗତିର ବାର୍ତ୍ତାବହ ହେଉ, ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା ।



**ଚିତ୍ତରଂଜନ ବ୍ରହ୍ମା**
ବରିଷ୍ଠ ଲେଖକ, ରାଉରକେଲା

## ୨୦୨୪ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଅବସରରେ ସମସ୍ତଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା। ନୂଆବର୍ଷ ସମସ୍ତଙ୍କ ଜୀବନକୁ ସରସ ସୁନ୍ଦର କରୁ, ଶାନ୍ତି ଓ ପ୍ରଗତିର ବାର୍ତ୍ତାବହ ହେଉ, ଏତିକି କାମନା ।



**ପ୍ରତିମା ପଣ୍ଡା**
ଶିକ୍ଷାବିତ୍, ସୁସାହିତ୍ୟିକା ତଥା ସମାଜସେବୀ, ବାଲେଶ୍ୱର

## ୨୦୨୪ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ନୂଆବର୍ଷ ସମସ୍ତଙ୍କ ପାଇଁ ଆଶା ଓ ଆକାଂକ୍ଷାର ବର୍ଷ ହେଉ, ସମସ୍ତେସେ ସୁସ୍ଥ ଓ ନିରାମୟ ଜୀବନ ଜୀଅନ୍ତୁ, ଏତିକି ମାତ୍ର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।



**ପୀତାମ୍ବର ଦାସ**
ବିଶିଷ୍ଟ ଶିଶୁ ସାହିତ୍ୟିକ, ବାଲେଶ୍ୱର

## ୨୦୨୪ ନବବର୍ଷର ଶୁଭେଚ୍ଛା



ନୂଆବର୍ଷ ଉପଲକ୍ଷେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଈଶ୍ୱର ସମସ୍ତଙ୍କ ଚଲାପଥ କୁସୁମିତ କରନ୍ତୁ, ସମସ୍ତଙ୍କ ପ୍ରାଣରେ ଭରିଦିଅନ୍ତୁ ପ୍ରୀତି ଓ ମୈତ୍ରୀ ଏତିକି କାମନା।

**ପ୍ରମିଳା ପଣ୍ଡା**
ନଗରପାଳ, ବିଜ୍ଞାପିତ ଅଂଚଳ ପରିଷଦ, ଉଦଳା

## ଓମ୍ ଶ୍ରୀ ସାଇରାମ

ନୂଆବର୍ଷ ଉପଲକ୍ଷେ ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଏ ନବବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ମୟୂରଭଂଜ ଜିଲ୍ଲାର ଏକ ଆଦର୍ଶ ସାଇ ସାଧନା ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଶିକ୍ଷାନୁଷ୍ଠାନ ଭାବେ ସମସ୍ତଙ୍କଠାରେ ଆଦୃତ ଓ ପରିଚିତ।



ଏହି ନୂଆବର୍ଷରେ ଉତ୍ତମ ଛାତ୍ର ଗଠନ କରିବାପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କର ଏକାନ୍ତ ସହଯୋଗ ଆମର କାମ୍ୟ।

**PURNA CHANDRA BINDHANI ( CHAIRMAN)**

SAI SADHANA COLLEGE OF BASIC SCIENCE (+3) (Residental),
SAI SADHANA SCIENCE HIGHER SECONDARY SCHOOL (+2) (Residential)
SAI SADHANA ITI (TRADE : Fitter & Electrician &
SAI SADHANA SISHU VIDYA MANDIR (CBSE PATTERN ODIA MEDIUM)
At: Dibyasinghpur, Udala, Dist:- Mayurbhanj, PIN-757041
Contact No : 9437294587, 9437443950, 9937557158, 9438232419

## ନବ ବର୍ଷର ଅଭିନନ୍ଦନ



ସମସ୍ତଙ୍କୁ ନୂଆବର୍ଷ ୨୦୨୪ର ଶୁଭ ଅଭିନନ୍ଦନ। ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ। ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ନିରାମୟ ରଖନ୍ତୁ , ସମସ୍ତଙ୍କ ପ୍ରାଣରେ ଭରିଦିଅନ୍ତୁ ପ୍ରୀତି ଓ ପୁଲକ, ଏତିକି ଈଶ୍ୱରଙ୍କଠାରେ ମୋର ପ୍ରାର୍ଥନା ।

**ଇଂ. ଅଶ୍ୱିନୀ କୁମାର ଦଣ୍ଡପାଟ**
ଅଧୀକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ବାରିପଦା

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo